## ସଂକ୍ଷେପରେ

### ସହଯୋଗ ବାହାନାରେ ଏଟିଏମ୍‌ରେ ଠକେଇ

**ଭଞ୍ଜନଗର,୩୦।୮(ଡି.ଏନ.ଏ):** ଟଙ୍କା ଉଠାଇବାରେ ସହଯୋଗ କରିବା ବାହାନାରେ ଜଣେ ମହିଳାଙ୍କ ଆକାଉଣ୍ଟରୁ ୨୧ ହଜାର ଟଙ୍କା ଠକି ନେଇଛନ୍ତି ଦୁର୍ବୃତ୍ତ। ଏଥିସହ ମହିଳାଙ୍କ ଏଟିଏମ୍ କାର୍ଡ଼ଟି ମଧ ବଦଳ କରି ନେଇଥିବା ଜଣାପଡିଛି। ଘଟଣାଟି ଗତ ୨୭ ତାରିଖରେ ଘଟିଥିଲା। ଠକେଇର ଶିକାର ହୋଇଥିବା ତନରଡ଼ାର ଗାୟତ୍ରୀ ଆଚାରୀ ଶୁକ୍ରବାର ବେଲଗୁଣ୍ଠା ଫାଣ୍ଡିରେ ଅଭିଯୋଗ କରିବା ପରେ ଜଣାପଡିଛି। ପ୍ରକାଶ ଯେ, ଗାୟତ୍ରୀ ବେଲଗୁଣ୍ଠାର ଏକ ଏଟିଏମ୍‌କୁ ଟଙ୍କା ଉଠାଇବାକୁ ଯାଇଥିଲେ। ଟଙ୍କା ଉଠାଇବା ଜାଣି ନ ଥିବାରୁ ପାଖରେ ଥିବା ଅନ୍ୟ ଜଣଙ୍କର ସହଯୋଗ ଲୋଡ଼ିଥିଲେ। ଠକ ଜଣଙ୍କ ପାଶ୍‌ୱାର୍ଡ଼ ପଚାରିବା ପରେ ଟଙ୍କା ଉଠୁନାହିଁ ବୋଲି କହି ଅନ୍ୟ ଏକ କାର୍ଡ଼ ଗାୟତ୍ରୀଙ୍କୁ ଦେଇ ପଳାଇଥିଲେ। ଗାୟତ୍ରୀ ଚାଲି ଆସିବା ପରେ ଠକ ଜଣଙ୍କ ଗାୟତ୍ରୀଙ୍କ ଆକାଉଣ୍ଟରୁ ଟଙ୍କା ଉଠାଇଥିଲେ। ପୋଲିସ ସିସିଟିଭି ଫୁଟେଜକୁ ଆଧାର କରି ଘଟଣାର ତଦନ୍ତ ଚଳାଇଛି।

### ଯୁବକଙ୍କୁ ନେଇ ସାଇକେଲ ରାଲି କଲେ ବିଡିଓ

**ଜଗନ୍ନାଥପ୍ରସାଦ,୩୦।୮(ଡି.ଏନ.ଏ.):** ଜଗନ୍ନାଥପ୍ରସାଦ ବ୍ଲକ ପ୍ରଶାସନ ପକ୍ଷରୁ ଶୁକ୍ରବାର ନିଆରା ଢଙ୍ଗରେ କ୍ରୀଡ଼ା ଦିବସ ପାଳିତ ହୋଇଛି। ବିଡିଓ ଅଶୋକ କୁମାର ବେହୁରିଆ ସ୍ଥାନୀୟ ଯୁବକଙ୍କ ସମେତ ବିଜୁ ଯୁବ ବାହିନୀଙ୍କୁ ନେଇ ସାଇକେଲ ରାଲି କରିଥିଲେ। ବିପିସି ପ୍ରଦୀପ କୁମାର ପଣ୍ଡାଙ୍କ ସମେତ ୪୦/୫୦ ଜଣ ଏହି ରାଲିରେ ବାହାରିଥିଲେ। ପ୍ରଥମେ ଜଗନ୍ନାଥପ୍ରସାଦ ବ୍ଲକ କାର୍ଯ୍ୟାଳୟ ଠାରୁ ରାଲି ମୁଖ୍ୟ ବଜାର ଜିରାବଡି, କୁଶାପଲ୍ଲୀ ଆଦି ଗ୍ରାମ ଦେଇ ୮ କିଲୋମିଟର ଦୂର ଚଢ଼େଇଆପଲ୍ଲୀ ଗ୍ରାମରେ ପହଞ୍ଚିଥିଲେ। ଏହାପରେ ଗାଁରେ ରାସ୍ତାଘାଟ ବିଭିନ୍ନ ସମସ୍ୟାକୁ ନିରୀକ୍ଷଣ କରିଥିଲେ। ପରେ ସେଠାରେ ପୂର୍ବରୁ ଆୟୋଜିତ ମୋ ନିବେଦନ କାର୍ଯ୍ୟକ୍ରମରେ ଯୋଗଦେଇ ଅଭିଯୋଗ ଶୁଣାଣି କରିଥିଲେ। ଏହିଭଳି ଏହି କ୍ରୀଡ଼ା ଦିବସରେ ସମସ୍ତ ଯୁବକଙ୍କ ସହ ମିଶି ନିଜକୁ ଖୁସି ମଣିଥିବା ସହ କ୍ରୀଡା ବ୍ୟାୟାମ ଦ୍ୱାରା ସୁସ୍ଥ ଶରୀର ଗଢି ସମାଜକୁ କିଭଳି ସୁସ୍ଥ ରଖିବା, କେନ୍ଦ୍ର ସରକାରଙ୍କ ଦ୍ୱାରା ଶୁଭାରମ୍ଭ ହୋଇଥିବା ଫିଟ ଇଣ୍ଡିଆ ମୁଭମେଣ୍ଟ ନେଇ ସଚେତନ କରାଇ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।

### ବ୍ରାଉନ ସୁଗାର ଜବତ, ୨ ଗିରଫ

**ବ୍ରହ୍ମପୁର ଅଫିସ,୩୦।୮:** ଗୋଷାଣୀ ନୂଆଗାଁ ପୋଲିସ ଶୁକ୍ରବାର ସନ୍ଧ୍ୟାରେ ୧୬ ନଂ. ଜାତୀୟ ରାଜପଥର ଚନ୍ଦ୍ରଚୁଡ଼େଶ୍ୱର ମନ୍ଦିର ନିକଟରେ ଗାଡ଼ି ଯାଞ୍ଚ କରୁଥିବା ବେଳେ ସନ୍ଦେହଜନକ ଭାବେ ଯାଉଥିବା ୨ ଯୁବକଙ୍କୁ ଅଟକାଇ ଗାଡ଼ି କାଗଜପତ୍ର ମାଗିଥିଲା । ଯାଞ୍ଚ ବେଳେ ବାଇକ (ନଂ. ଓଡି ୦୭ ୱାଇ ୧୦୮୬)ରୁ ୧୨ ଗ୍ରାମ ବ୍ରାଉନ ସୁଗାର ମିଳିଥିଲା । ପୋଲିସ ତାହାକୁ ଜବତ କରିବା ସହ ସମ୍ପୃକ୍ତ ୨ ଯୁବକ ଭାଲିଆଗଡ଼ର ଭାସ୍କର ଦୋରା ଓ ଗିରିସୋଲାର ରଞ୍ଜନ କୁମାର ସାହୁଙ୍କୁ ଗିରଫ କରିଛି। ଏ ନେଇ ନଂ. ୮୯/୧୯ରେ ମାମଲଶ ରୁଜୁ ହୋଇଥିବା ଥାନାଧିକାରୀ ସୁମିତ କୁମାର ସୋରେନ କହିଛନ୍ତି । ଅଭିଯୁକ୍ତଦ୍ୱୟ ଭୁବନେଶ୍ୱରରୁ ବ୍ରାଉନ ସୁଗାର ଗୋଳନ୍ଥରା ଆଣୁଥିଲେ ବୋଲି ଜେରା ବେଳେ ପୋଲିସ ଜାଣିବାକୁ ପାଇଛି ।

# ସ୍ୱାୟତ୍ତ ଶାସନ ସଂସ୍ଥାରେ ଏବେ ଅମଲାତନ୍ତ୍ର ଶାସନ

**ବ୍ରହ୍ମପୁର ଅଫିସ,୩୦।୮**

- ୧୫୨ ବର୍ଷର ବ୍ରହ୍ମପୁର ପୌରସଂସ୍ଥା
- ପ୍ରଶାସକ ହୋଇଛନ୍ତି ଜିଲାପାଳ
- ସରକାରଙ୍କ ନିୟନ୍ତ୍ରଣରେ ଗଞ୍ଜାମର ୧୮ ସହରାଞ୍ଚଳ

ଗଞ୍ଜାମ ଜିଲାର ବ୍ରହ୍ମପୁର ମହାନଗର ନିଗମ (ବିଏମସି) ଏବଂ ହିଞ୍ଜିଳିକାଟୁ ମ୍ୟୁନିସିପାଲିଟି ସମେତ ୧୮ ସହରାଞ୍ଚଳର ନିର୍ବାଚିତ ପୌର ପରିଷଦର କାର୍ଯ୍ୟକାଳ ୨୦୧୮ ସେପ୍ଟେମ୍ବର ୩୦ରେ ସରିଛି । ସେହିବର୍ଷ ଅକ୍ଟୋବର ୧ରୁ ସମସ୍ତ ପୌରସଂସ୍ଥା ସରକାରଙ୍କ ପରିଚାଳନାଧୀନ ରହିଛି । ଶନିବାର ପାଳନ ହେବ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ । ସେଥିପାଇଁ ସବୁଠି ପ୍ରସ୍ତୁତି ଶେଷ ହୋଇଛି । ସହରାଞ୍ଚଳଗୁଡିକରେ ବିଭିନ୍ନ ଉନ୍ନୟନ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ ଓ ଉଦଘାଟନ ହେବ। ତେବେ ସ୍ୱାୟତ୍ତ ଶାସନ ପତାକା ଅଫିସରମାନେ ଉତ୍ତୋଳନ କରିବେ । ସ୍ୱାୟତ୍ତ ଶାସନ ସଂସ୍ଥାରେ ଏବେ ଚାଲିଛି ଅମଲାତନ୍ତ୍ର ଶାସନ। ବିଏମସିରେ ଗଞ୍ଜାମ ଜିଲାପାଳ ମୁଖ୍ୟ ପ୍ରଶାସକ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଉଥିବା ବେଳେ ଅନ୍ୟ ୧୭ ପୌର ସଂସ୍ଥାରେ ଉପଜିଲାପାଳ ଓ ଅନ୍ୟ ଅଧିକାରୀଙ୍କୁ ପ୍ରଶାସକ ଭାବେ ଅବସ୍ଥାପିତ କରାଯାଇଛି ।

ସୂଚନାଯୋଗ୍ୟ ୧୫୨ ବର୍ଷର ପୌରସଂସ୍ଥା ବ୍ରହ୍ମପୁର ମହାନଗର ନିଗମରେ ୧୫ ବର୍ଷ ପରେ ଜିଲାପାଳ ସ୍ୱାୟତ୍ତ ଶାସନ ପତାକା ଉତ୍ତୋଳନ କରି ପ୍ରସ୍ତାବିତ ବିକାଶମୂଳକ କାର୍ଯ୍ୟର ଶୁଭ ଦେବା ସହ ଆଉ କେତେକ ଯୋଜନା ଉଦ୍‌ଘାଟନ କରିବେ । ପୁରୁଣା ତଥ୍ୟ ନ ଥିଲେ ମଧ ୧୯୪୯ରୁ ୨୦୦୩ ଯାଏ ଆଇଏଏସ୍ ଅଫିସର ତଥା ଜିଲାପାଳମାନେ ପ୍ରଶାସନିକ ମୁଖ୍ୟ ଥିଲେ। ସମୁଦାୟ ୨୩ ଜଣଙ୍କ ମଧରେ କେ. ରାମମୂର୍ତ୍ତି, ଡିଡି ସୁରୀ, ବି. ରାମ ଦୁରାଇ, ବି. ତ୍ରିପାଠୀ, ରାମଚନ୍ଦ୍ର ପାତ୍ର, ଏଫଏ ମୋଜେସ, ଦେବୀ ପ୍ରସାଦ ବାଗଚୀ, ରାଇ ମୋହନ ଦାସ, ରାଜଲକ୍ଷ୍ମୀ, ଏକେ ଦାସ, ରମାନାଥ ମହାନ୍ତି, ଅରବିନ୍ଦ ବେହେରା ଓ ରଙ୍ଗଲାଲ ଜାମୁଡ଼ା ନଗରପାଳ ଦାୟିତ୍ୱରେ ଥିଲେ । ସେହିପରି ୟୁଏନ ବେହେରା, ତାରା ଦତ୍ତ, ଜଗଦାନନ୍ଦ ପଣ୍ଡା, ଏମଡି ହୋତା, ଜାଗର ସିଂ, ବିକେ ଦାସ, ସନ୍ତୋଷ ଶତପଥୀ, ଜି. ମାଥିଭାଥାନନ ଏବଂ ୨୦୦୧ ଡିସେମ୍ବର ୯ରୁ ୨୦୦୩ ଅକ୍ଟୋବର ୭ ପର୍ଯ୍ୟନ୍ତ ସଞ୍ଜୀବ କୁମାର ମିଶ୍ର ବ୍ରହ୍ମପୁର ପୌରପାଳିକାର ମୁଖ୍ୟ ଥିଲେ । ୧୯୪୯ରୁ ୨୦୦୭ ପର୍ଯ୍ୟନ୍ତ ୫୮ ବର୍ଷ ମଧରେ ନିର୍ବାଚିତ ନଗରପାଳ ୨୪ ଏବଂ ୨୩ ଆଇଏଏସ୍ ଜିଲାପାଳମାନେ ଦାୟିତ୍ୱରେ ଅବସ୍ଥାପିତ ହୋଇଥିଲେ ।

ଏହି ପୌରସଂସ୍ଥାରେ ୨୦୦୩ରେ ନିର୍ବାଚନ ହୋଇଥିଲା । ସେହିବର୍ଷ ଅକ୍ଟୋବର ୮ରେ ପ୍ରଥମ ମହିଳା ନଗରପାଳ ଭାବେ ସୁଲୋଚନା ସ୍ୱାଇଁ ନିର୍ବାଚିତ ହେଲେ । ୨୦୦୮ ପୌର ନିର୍ବାଚନରେ ଶିବ ଶଙ୍କର ଦାସ ନଗରପାଳ ହୋଇଥିଲେ ଏବଂ ୪ ମାସ ପରେ ମହାନଗର ନିଗମ ହେବାରୁ ସେ ମେୟର ହୋଇଥିଲେ । ୨୦୧୩ ପୌର ନିର୍ବାଚନରେ କେ. ମାଧବୀ ପ୍ରଥମ ମହିଳା ମେୟର ଭାବେ ନିର୍ବାଚିତ ହୋଇ ୫ ବର୍ଷ ଶାସନ କରିଥିଲେ। ତାଙ୍କ କାର୍ଯ୍ୟକାଳ ୨୦୧୮ ସେପ୍ଟେମ୍ବର ଶେଷରେ ସରିବାରୁ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ପ୍ରଶାସକ ହୋଇଛନ୍ତି । ଚଳିତବର୍ଷର ସ୍ୱାୟତ୍ତ ଶାସନ ଦିବସରେ ସେ ସମସ୍ତ କାର୍ଯ୍ୟ ତୁଲାଇବେ । ଏବେ ପ୍ରଶାସକ ଏବଂ ପୌର କମିଶନର ଭାବେ ଚକ୍ରବର୍ତ୍ତି ସିଂ ରାଠୋର ଅଛନ୍ତି । ନିଗମରେ ପ୍ରଥମ କରି ୨ ଆଇଏଏସ୍ ଅଫିସର ଦାୟିତ୍ୱ ତୁଲାଉଛନ୍ତି । ପୌର ନିର୍ବାଚନ କେବେ ହେବ ଏବଂ ନିର୍ବାଚିତ ପରିଷଦ ଗଠନ ଅନିଶ୍ଚିତ ହୋଇଛି ।

# ବିନାୟକ ଆଚାର୍ଯ୍ୟଙ୍କ ୧୦୧ତମ ଜୟନ୍ତୀ



ଉପସ୍ଥିତ ଅଧ୍ୟାପିକା ଅଧ୍ୟାପକ ଏବଂ ଛାତ୍ରୀଛାତ୍ରମାନେ ।

**ବ୍ରହ୍ମପୁର ଅଫିସ,୩୦।୮**

ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟଠାରେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିନାୟକ ଆଚାର୍ଯ୍ୟଙ୍କ ୧୦୧ତମ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ବିନାୟକ ଆଚାର୍ଯ୍ୟ ସ୍ମୃତି ବକ୍ତୃତାମାଳା ଆୟୋଜନ ହୋଇଥିଲା। ଭାରପ୍ରାପ୍ତ ଅଧକ୍ଷା ପ୍ରମିଳା ଖାଡ଼ଙ୍ଗା ଏଥିରେ ଅଧକ୍ଷତା କରିଥିବା ବେଳେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଏମ୍‌ପି ସାହୁ ବିନାୟକ ଆଚାର୍ଯ୍ୟଙ୍କ ଶିକ୍ଷକତା ଜୀବନରୁ ମୁଖ୍ୟମନ୍ତ୍ରୀ ପର୍ଯ୍ୟନ୍ତ ଯାତ୍ରା ଏବଂ ତାଙ୍କ ସରଳ ଜୀବନଯାପନ ମନେପକାଇଥିଲେ। ସାମାଜିକ କର୍ମୀ କାହ୍ନୁଚରଣ ପାତ୍ର ଏବଂ ପୂର୍ବତନ ଅଧକ୍ଷ ଡ.ସୂର୍ଯ୍ୟନାରାୟଣ ସାହୁ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସଭାରେ ମୁଖ୍ୟବକ୍ତା ଭାବେ ରାଜଧାନୀ କଲେଜ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପ୍ରାଧ୍ୟାପକ ଡ. ଦେବାଶିଷ ପାତ୍ର ଯୋଗଦେଇ ସୃଜନଶୀଳ ସାହିତ୍ୟର ବିଭିନ୍ନ ଦିଗ ସମ୍ପର୍କରେ ନିଜ ବକ୍ତବ୍ୟ ରଖିଥିଲେ। ସଂଯୋଜକ ଡ. ଆନନ୍ଦ ସେଠୀ ଏବଂ ମହାବିଦ୍ୟାଳୟର ଅନ୍ୟାନ୍ୟ ଅଧ୍ୟାପିକା ଅଧ୍ୟାପକମାନେ ଉପସ୍ଥିତ ଥିଲେ। ଶେଷରେ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ଏନ୍‌ଏସ୍‌ଏସ୍ ଏବଂ ୱାଇଆର୍‌ସି ତରଫରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ଏବଂ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଓଡ଼ିଆ ବିଭାଗ ଅଧାପକ ସୁଶାନ୍ତ କୁମାର ପରିଡ଼ା ଧନ୍ୟବାଦ ଦେଇଥିଲେ ।





ଜାତୀୟ ଚକ୍ଷୁଦାନ ପକ୍ଷ ପାଳନ ଅବସରରେ ଓଡ଼ିଶା ସର୍ଭିସ୍ ସେଣ୍ଟର୍ ଫର୍ ବ୍ଲାଇଣ୍ଡ ପକ୍ଷରୁ ଏକ ସଚେତନତା ଶୋଭାଯାତ୍ରା ବ୍ରହ୍ମପୁର ସହର ପରିକ୍ରମା କରୁଛି । (ଫଟୋ-ସମୀର)

### ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ

**ବ୍ରହ୍ମପୁର ଅଫିସ,୩୦।୮**

ସାପ କାମୁଡ଼ାରେ ଗୁରୁତର ଜଣେ ମହିଳାଙ୍କ ବ୍ରହ୍ମପୁର ବଡ଼ ମେଡିକାଲରେ ଶୁକ୍ରବାର ମୃତ୍ୟୁ ଘଟିଛି। ସେ ହେଲେ ସଦର ଥାନା ଅନ୍ତର୍ଗତ ଅଲାରିଗଡ ଗ୍ରାମର ମନୋଜ ଡାକୁଆଙ୍କ ସ୍ତ୍ରୀ ନମିତା। ମେଡିକାଲ ଫାଣ୍ଡି ପୋଲିସ ମୃତଦେହ ଜବତ କରି ନଂ.୪୫୯/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ନମିତା ପ୍ରାୟ ୧୫ ଦିନ ହେଲା ପାଟପୁରରେ ରହୁଥିବା ବାପା ଭଗବାନ ଡାକୁଆଙ୍କ ଘରକୁ ଯାଇଥିଲେ। ଗୁରୁବାର ରାତିରେ ସମସ୍ତେ ଖାଇସାରି ଶୋଇଥିଲେ। ରାତି ପ୍ରାୟ ୩ଟାରେ ନମିତାଙ୍କୁ କୌଣସି ଏକ ସାପ କାମୁଡ଼ି ଦେବାରୁ ସେ ଚିତ୍କାର କରିଥିଲେ। ଏହା ଶୁଣି ବାପା ଉଠି ପଡ଼ି ନମିତାଙ୍କୁ ତୁରନ୍ତ ଦିଗପହଣ୍ଡିର ଏକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଶୁକ୍ରବାର ସକାଳେ ଗୁରୁତର ଅବସ୍ଥାରେ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ନିଆଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ନମିତାଙ୍କ ମୃତ୍ୟୁ ଘଟିଥିଲା।

■ କୃଷିମନ୍ତ୍ରୀଙ୍କ ଗୋପାଳପୁର ଗସ୍ତ

## ଉଦ୍ୟାନ କୃଷି ତାଲିମ, ସମ୍ପ୍ରସାରଣ କେନ୍ଦ୍ର ଶିଳାନ୍ୟାସ



ଉଦ୍ୟାନ କୃଷି ତାଲିମ ଓ ସମ୍ପ୍ରସାରଣ କେନ୍ଦ୍ର ଶିଳାନ୍ୟାସ କରୁଛନ୍ତି ମନ୍ତ୍ରୀ।

**ଗୋପାଳପୁର/କନିଷି,୩୦।୮(ଡି.ଏନ.ଏ.)**

ରାଜ୍ୟ କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ପ୍ରାଣୀ ଓ ଉଚ୍ଚଶିକ୍ଷା ବିଭାଗ ମନ୍ତ୍ରୀ ଡ. ଅରୁଣ କୁମାର ସାହୁ ଶୁକ୍ରବାର ଗୋପାଳପୁର ନିର୍ବାଚନ ମଣ୍ଡଳୀକୁ ଦିନିକିଆ ଗସ୍ତ କରିଥିଲେ। ମଧାହ୍ନରେ ମୁଖ୍ୟ ଅତିଥି ମନ୍ତ୍ରୀ, ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ଗୋପାଳପୁର ବିଧାୟକ ଡ. ପ୍ରଦୀପ କୁମାର ପାଣିଗ୍ରାହୀ, ପୋଲସରା ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧକ୍ଷ ଶ୍ରୀକାନ୍ତ ସାହୁ, ଛତ୍ରପୁର ବିଧାୟକ ସୁବାସ ବେହେରା ଯୋଗଦେଇ ରଙ୍ଗେଇଲୁଣ୍ଡା ବ୍ଲକ ପରିସରରେ ଥିବା ୧୫ ଲକ୍ଷ ଅଟକଳରେ ନିର୍ମିତ ହେବାକୁ ଥିବା ଉଦ୍ୟାନ କୃଷି ତାଲିମ ଓ ସମ୍ପ୍ରସାରଣ କେନ୍ଦ୍ର ଶିଳାନ୍ୟାସ କରିଥିଲେ। ପରେ ମନ୍ତ୍ରୀ ତିତ୍‌ଲି ବାତ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ୧୦ ଜଣ ଚାଷୀଙ୍କୁ ଆମ୍ବ ଓ ନଡ଼ିଆ ଗଛ ଚାରା ବଣ୍ଟନ କରିଥିଲେ। ବ୍ଲକ କାର୍ଯ୍ୟାଳୟରେ କୃଷି ଓ ଉନ୍ନୟନମୂଳକ କାର୍ଯ୍ୟ ଉପରେ ରଙ୍ଗେଇଲୁଣ୍ଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ କୁମାର ନାଗଭୂଷଣଙ୍କ ସହ ମନ୍ତ୍ରୀ ଆଲୋଚନା କରିଥିଲେ। ଏହାପରେ ଗୋପାଳପୁର ସର୍କିଟ ହାଉସରେ ବିଭିନ୍ନ କଲେଜରୁ ଆସିଥିବା ଅଧକ୍ଷଙ୍କ ସହ ଆଲୋଚନା କରି କଲେଜରେ ଛାତ୍ରୀଛାତ୍ରମାନଙ୍କ ଉପସ୍ଥାନ ୭୦ ପ୍ରତିଶତରୁ ଅଧିକ ରହିବ ଓ ଠିକ୍ ସମୟରେ କ୍ଲାସ କରି ବିଦ୍ୟାର୍ଥୀଙ୍କ ଶିକ୍ଷାର ଉନ୍ନତି ଦିଗରେ ଗୁରୁତ୍ୱ ଦେବା ଏବଂ ଠିକ୍ ସମୟରେ ପରୀକ୍ଷା ଖାତା ମୂଲ୍ୟାୟନ କରି ଫଳାଫଳ ଘୋଷଣା କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ସହକାରୀ ଯନ୍ତ୍ରୀ ଗିରିଧାରୀ ବେହେରା, ସମୀର ପଟ୍ଟନାୟକ, ଦିପ୍ତୀ ବେହେରା, ସିଡିପିଓ ଜ୍ୟୋତ୍ସ୍ନା ପାଢ଼ୀ, ଗୀତାରାଣୀ ରାଉଳ, ଶାନ୍ତିଲତା ଶତପଥି ସମେତ ଅନ୍ୟ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ମନ୍ତ୍ରୀଙ୍କ ଗସ୍ତ ସମୟରେ ରଙ୍ଗେଇଲୁଣ୍ଡା ବ୍ଲକ ଅଧକ୍ଷା, ଉପାଧକ୍ଷ, ବ୍ଲକ ବିଜେଡି ସଭାପତି ଓ କିଛି ଆଗଧାଡ଼ିର ନେତାଙ୍କ ଅନୁପସ୍ଥିତିକୁ ନେଇ ସାଧାରଣରେ ରାଜନୈତିକ ଚର୍ଚ୍ଚା ଜୋର ଧରିଥିଲା।

## ରାଜ୍ୟସ୍ତରୀୟ ଆୟୁର୍ବେଦ କୁଇଜ୍ ପ୍ରତିଯୋଗିତା

**ବ୍ରହ୍ମପୁର ଅଫିସ,୩୦।୮**

କବିରାଜ ଅନନ୍ତ ତ୍ରିପାଠୀ ଶର୍ମା(କେ.ଏ.ଟି.ଏସ) ଆୟୁର୍ବେଦ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ଏବଂ ହିମାଲୟା ଆୟୁର୍ବେଦ ପକ୍ଷରୁ ରାଜ୍ୟସ୍ତରୀୟ ଆୟୁର୍ବେଦ କୁଇଜ. ପ୍ରତିଯୋଗିତା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଆଙ୍କୁଶପୁର କେ.ଏ.ଟି.ଏସ ଆୟୁର୍ବେଦ ମହାବିଦ୍ୟାଳୟ ସମେତ ଓଡିଶାର ପୁରୀ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ, ବଲାଙ୍ଗୀର ସରକାରୀ ଆୟୁର୍ବେଦ ମହାବିଦ୍ୟାଳୟ, ଏସଏସଏନ ଆୟୁର୍ବେଦ ମହାବିଦ୍ୟାଳୟର ୮ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ । ହିମାଲୟା କମ୍ପାନୀର ଅର୍ଣ୍ଣବ ଘୋଷ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ପ୍ରତିଯୋଗିତାରେ କେ.ଏ.ଟି.ଏସ ଆୟୁର୍ବେଦ ମହାବିଦ୍ୟାଳୟ ଦଳ ବିଜେତା ହୋଇଥିଲେ । ତେବେ ଏଥିରେ ମହାବିଦ୍ୟାଳୟ ପକ୍ଷରୁ ଅଂଶ ଗ୍ରହଣ କରିଥିବା ସନ୍ଧ୍ୟା ରାଣୀ ପାଢ଼ୀ ଓ ଡି. ଶ୍ୟାମ ସୁନ୍ଦର ପ୍ରମୁଖ ଦୁଇ ପ୍ରତିଯୋଗୀ ଆଗାମୀ ଦିନରେ ହେବାକୁ ଥିବା ଇଷ୍ଟଜୋନସ୍ତରୀୟ ପ୍ରତିଯୋଗୀତାରେ ଭାଗ ନେବେ । ପ୍ରତିଯୋଗୀତାର ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧକ୍ଷ ପ୍ରଫେସର ଡା. ବିପିନ ବିହାରୀ ଖୁଣ୍ଟିଆ ଅତିଥି ଭାବେ ଯୋଗଦେଇଥିଲେ । ଛାତ୍ର ସଂସଦର ଉପଦେଷ୍ଟା ଡା. ବିମଳ କୁମାର ପଣ୍ଡାଙ୍କ ସମେତ ସମସ୍ତ ଅଧାପିକା ଅଧାପକ ଉପସ୍ଥିତ ଥିଲେ । ପୂର୍ବତନ ଛାତ୍ର ସଂସଦ ସଭାପତି ଆଶୁତୋଷ କରଙ୍କ ଛାତ୍ର ସଂସଦର ସମସ୍ତ କର୍ମକର୍ତ୍ତା କୃତୀ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଥିଲେ ।



କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି ।

### ଅତିରିକ୍ତ ଜିଲାପାଳଙ୍କ ଭଞ୍ଜନଗର ଗସ୍ତ

**ଭଞ୍ଜନଗର,୩୦।୮(ଡି.ଏନ.ଏ)**

ଗଞ୍ଜାମ ଅତିରିକ୍ତ ଜିଲାପାଳ କବିନ୍ଦ୍ର ସାହୁ ଶୁକ୍ରବାର ଭଞ୍ଜନଗର ଗସ୍ତରେ ଆସି ସମନ୍ୱିତ ଶିଶୁ ବିକାଶ ଯୋଜନାରେ ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମ ଏବଂ ଅଙ୍ଗନୱାଡ଼ି କୋଠା ପ୍ରମୁଖ ବିଷୟରେ ସମୀକ୍ଷା କରିଥିଲେ। ଯେଉଁଠି ଅଙ୍ଗନୱାଡ଼ି କୋଠା କାମ ଧିମାରେ ଚାଲିଛି ତାହା ତୁରନ୍ତ ସାରିବା ପାଇଁ ବିଭାଗୀୟ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ଉପ ଜିଲାପାଳ ରାଜେନ୍ଦ୍ର କୁମାର ମିଞ୍ଜ ଅଧକ୍ଷତା କରିଥିଲେ। ଭାରପ୍ରାପ୍ତ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ମନୋରଞ୍ଜନ ମହାନ୍ତି, ସିଡ଼ିପିଓ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।

## ନାବାଳକଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା

**ବ୍ରହ୍ମପୁର ଅଫିସ,୩୦।୮**

ବ୍ରହ୍ମପୁର ଟାଉନ ଥାନା ଅନ୍ତର୍ଗତ ଗେଟବଜାର ଛକ ନିକଟ ଏକ ଘରୋଇ ହସ୍ପିଟାଲରେ ଜଣେ ନାବାଳକଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା ଦେଖାଦେଇଛି। ମୃତ ମୃତ ନାବାଳକ ଜଣକ ହେଲେ କେ. ନାଗରାଜ ସେଠୀ। ଅବହେଳା ଓ ତ୍ରୁଟିପୂର୍ଣ୍ଣ ଚିକିତ୍ସାରୁ ପୁଅର ମୃତ୍ୟୁ ଘଟିଥିବା ନାଗରାଜଙ୍କ ପରିବାରବର୍ଗ ଅଭିଯୋଗ କରିଛନ୍ତି। ଖବରପାଇ ଥାନାଧିକାରୀ ସୁରେଶ କୁମାର ତ୍ରିପାଠୀ, ଏସଆଇ ସୂର୍ଯ୍ୟଚନ୍ଦ୍ର ପାଢ଼ୀ ଓ ଏସଆଇ ଜ୍ଞାନରଞ୍ଜନ ବେହେରା ଉକ୍ତ ହସ୍ପିଟାଲରେ ପହଞ୍ଚି ଉତ୍ୟକ୍ତ ପରିବାର ଲୋକଙ୍କୁ ବୁଝାଶୁଝା କରିବା ସହ କାର୍ଯ୍ୟରତ ଡାକ୍ତର ଓ କର୍ମଚାରୀଙ୍କୁ ଘଟଣା ସମ୍ପର୍କରେ ପଚରାଉଚରା କରିଥିଲା। ମୃତ ନବାଳକଙ୍କ ବାପା କେ.ମାଲେସ

**ଚିକିତ୍ସାରେ ଅବହେଳା ଅଭିଯୋଗ**

ସେଠୀଙ୍କ ଅଭିଯୋଗକ୍ରମେ ପୋଲିସ ନଂ.୧୭୪/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପ୍ରକାଶ ଯେ, ଗେଟବଜାରର କେ.ମାଲେସଙ୍କ ପୁଅ ନାଗରାଜଙ୍କ ତଣ୍ଟିରେ କିଛି ସମସ୍ୟା ଦେଖାଦେବାରୁ ସେ ଖାଇବାରେ ଅସୁବିଧା ଅନୁଭବ କରୁଥିଲେ। ତାଙ୍କ ଚିକିତ୍ସା ପାଇଁ ଗତ ୫/୬ ଦିନ ତଳେ ଉକ୍ତ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଶୁକ୍ରବାର ତଣ୍ଟିରେ ଅସ୍ତ୍ରୋପଚାର କରାଯିବାର ଥିଲା। ନାଗରାଜଙ୍କ ଅବସ୍ଥା ଗୁରୁତର ଥିଲେ ମଧ ଡାକ୍ତରମାନେ ଠିକ ଭାବେ ଚିକିତ୍ସା କରି ନ ଥିଲେ। ଯଦ୍ଦ୍ୱାରା ପୁଅର ମୃତ୍ୟୁ ଘଟିଲା ବୋଲି ନାଗରାଜଙ୍କ ପରିବାର ଲୋକ ଅଭିଯୋଗ କରିଛନ୍ତି।

■ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପ୍ରସଙ୍ଗ

# ସରକାର ଚାହିଁଲେ ସବୁ ସମ୍ଭବ

ବ୍ରହ୍ମପୁର ଅଫିସ,୩୦।୮ -ବ୍ରହ୍ମପୁରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ଏବେ ଜୋର ଧରିଛି । ଆଇନଜୀବୀମାନେ ଦୀର୍ଘ ୨୯ ବର୍ଷ ଧରି ଆନ୍ଦୋଳନ ଜାରି ରଖିଛନ୍ତି । ଆଇନଜୀବୀଙ୍କ ୪ ଦିନିଆ କୋର୍ଟ କାର୍ଯ୍ୟବନ୍ଦ ଆନ୍ଦୋଳନର ଦ୍ୱିତୀୟ ଦିନରେ ଗୁରୁବାର ସଂଘ କର୍ମକର୍ତ୍ତାଙ୍କ ସମେତ ଶତାଧିକ ଓକିଲ କାର୍ଯ୍ୟାଳୟରୁ ବାହାରି କମାପଲ୍ଲୀ ଛକରେ ଅଧଘଣ୍ଟା ପର୍ଯ୍ୟନ୍ତ ରାସ୍ତାରୋକୋ କରିଥିଲେ। ଜନସାଧାରଣ ଓ ଆଇନଜୀବୀମାନେ ଏହି ଆନ୍ଦୋଳନକୁ ଦକ୍ଷିଣାଞ୍ଚଳବାସୀଙ୍କ ମୁଖ୍ୟ ପ୍ରସଙ୍ଗ କହୁଥିବା ବେଳେ ଦକ୍ଷିଣାଞ୍ଚଳର କୌଣସି ରାଜନୈତିକ ବ୍ୟକ୍ତି ଏଥିରେ ସାମିଲ ହୋଇନାହାନ୍ତି, ଯାହାକି ଆଇନଜୀବୀଙ୍କ ମଧରେ ଅସନ୍ତୋଷ ସୃଷ୍ଟି କରିଛି ।



ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ବହୁ ବର୍ଷରୁ ହୋଇଆସୁଛି । ୧୯୮୯ ରୁ ଏଥିପାଇଁ ସଂଘ ପକ୍ଷରୁ ଆନ୍ଦୋଳନ ଜାରି ରହିଛି। ସରକାରଙ୍କ ଆନ୍ତରିକତା ଅଭାବରୁ ଏହା ଫଳପ୍ରଦ ହୋଇପାରିନାହିଁ । ସରକାର ଯେଉଁଦିନ ଚାହିଁବେ ସେହିଦିନ ସବୁ କମିଶନ ଫେଲ ମାରିବ। ବ୍ରହ୍ମପୁର ଓକିଲ ସଂଘ ୧୭୫ ବର୍ଷର ପୁରାତନ ସଂଘ ବୋଲି ସେ କହିଛନ୍ତି। ସରକାରଙ୍କ ନିର୍ଦ୍ଦେଶ ହିଁ କାମ କରିବ ।

**-ରବୀନ୍ଦ୍ରନାଥ ପାଣିଗ୍ରାହୀ, ସଭାପତି, ଗଞ୍ଜାମ ଓକିଲ ସଂଘ**

ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ସଂଘ ଆନ୍ଦୋଳନକୁ ଓହ୍ଲାଇଛି । ଯେତେଦିନ ପର୍ଯ୍ୟନ୍ତ ଏହା ହୋଇନାହିଁ ସେତେଦିନ ଯାଏ ଆନ୍ଦୋଳନ ଚାଲିବ । ସେ ଆହୁରି କହିଛନ୍ତି, ଦକ୍ଷିଣ ଓଡ଼ିଶା ଓ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପାଇଁ କଂଗ୍ରେସ ୨୦୦୯ ଓ ୨୦୧୪ ସାଧାରଣ ନିର୍ବାଚନ ସମୟରେ ଇସ୍ତାହାରରେ ଘୋଷଣା କରିଥିଲା । ତେବେ ୨୦୧୯ ନିର୍ବାଚନରେ କୌଣସି ରାଜନୈତିକ ଦଳ ଏହି ପ୍ରସଙ୍ଗକୁ ନିର୍ବାଚନ ଇସ୍ତାହାରରେ ସ୍ଥାନ ଦେଇନାହାନ୍ତି । ଯାହାକି ଦୁଃଖର ବିଷୟ ବୋଲି ସେ କହିଛନ୍ତି ।



**- ପୀତବାସ ପଣ୍ଡା, ପୂର୍ବତନ ସମ୍ପାଦକ, ଓକିଲ ସଂଘ**

ବ୍ରହ୍ମପୁରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଆମର ମୂଳ ଦାବି । ଏହି ସଂଘ ଭାରତର ସର୍ବପୁରାତନ ଅଟେ । ୧୯୮୨ରେ ଦକ୍ଷିଣ ଓଡ଼ିଶାର ସମସ୍ତ ପ୍ରକାର ମାମଲାଗୁଡ଼ିକ ବ୍ରହ୍ମପୁର ଜିଲା କୋର୍ଟରେ ବିଚାର ହେଉଥିଲା । ସରକାର ଏବେ ଜିଲାର ବିଭିନ୍ନ ସ୍ଥାନରେ ଅନେକ କୋର୍ଟ ଖୋଲିଦେଲେ । ଯାହା ଫଳରେ ବ୍ରହ୍ମପୁରରେ ଥିବା କୋର୍ଟର କ୍ଷମତାକୁ ସଙ୍କୁଚିତ କରାଯାଇଛି ।



**-କପିଳେଶ୍ୱର ପଟ୍ଟନାୟକ, ପୂର୍ବତନ ସଭାପତି**

ବହୁ ବର୍ଷ ପୂର୍ବେ ଗୋପାଳପୁରରେ ହାଇକୋର୍ଟର ଏକ ସର୍କିଟ ବେଞ୍ଚ ଥିଲା । କୌଣସି କାରଣରୁ ତାହା ଉଠାଇ ନିଆଯାଇଛି । ତାହା ମୁଁ ଜାଣିନାହିଁ । ଦକ୍ଷିଣ ଓଡ଼ିଶା ପାଇଁ ବ୍ରହ୍ମପୁରରେ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ହେଲେ ଗଞ୍ଜାମ ଜିଲାବାସୀ ବେଶ୍ ଉପକୃତ ହେବେ ।



**ରଘୁନାଥପ୍ରସାଦ ପାଣିଗ୍ରାହୀ, ବାର କାଉନସିଲ ସଦସ୍ୟ**

ଦକ୍ଷିଣ ଓଡ଼ିଶାର ବୃହତ୍ତର ସ୍ୱାର୍ଥ ପାଇଁ ଗଞ୍ଜାମ ଓକିଲ ସଂଘ ଦୀର୍ଘଦିନ ହେଲା ଆନ୍ଦୋଳନ କରି ଆସୁଛି। ପ୍ରତି ମାସର ଶେଷ ଚାରିଦିନ କାର୍ଯ୍ୟବନ୍ଦ କରଯାଉଛି । ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଯୋଗୁ ବ୍ରହ୍ମପୁରରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ହୋଇପାରୁନାହିଁ । ଜିଲାରେ ମୁଖ୍ୟମନ୍ତ୍ରୀଙ୍କ ସମେତ ବହୁ ନେତା ମନ୍ତ୍ରୀ ରହିଛନ୍ତି। ସେମାନେ ଚାହିଁଲେ ଏଠାରେ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ହୋଇପାରିବ ।



**-ଅଶୋକ ଶୁକ୍ଳା, ବାର କାଉନସିଲ ସଦସ୍ୟ**

## ■ ମୁଦ୍ରଣ ହୋଇପାରୁନି ମାଟ୍ରିକ୍ ସାର୍ଟିଫିକେଟ୍

# ଅନ୍ଧାରରେ ସପ୍ଲିମେଣ୍ଟାରୀ ପରୀକ୍ଷାରେ ଉତ୍ତୀର୍ଣ୍ଣଙ୍କ ଭବିଷ୍ୟତ

■ଯୁକ୍ତ ୨ରେ ନାମ ଲେଖାଇବାରୁ ବଞ୍ଚିତ

■ସାର୍ଟିଫିକେଟ୍ ମିଳିବାକୁ ଲାଗିବ ସପ୍ତାହେ

ବ୍ରହ୍ମପୁର ଅଫିସ୍,୩୦।୮

ମାଟ୍ରିକ୍ ସପ୍ଲିମେଣ୍ଟାରୀ ପରୀକ୍ଷାଫଳ ପ୍ରକାଶ ପାଇବାର ୨୩ ଦିନ ପରେ ବି ଛାତ୍ରୀଛାତ୍ରଙ୍କ ପାଖରେ ସାର୍ଟିଫିକେଟ୍ ପହଞ୍ଚି ନାହିଁ । ସାର୍ଟିଫିକେଟ୍‌ରେ ମୁଦ୍ରଣରେ ସମସ୍ୟା ଯୋଗୁ ଏଭଳି ପରିସ୍ଥିତି ଦେଖାଦେଇଛି। ଅନ୍ୟପଟେ ମାଟ୍ରିକ ସାର୍ଟିଫିକେଟ ନ ଥିବା ଯୋଗୁ ଛାତ୍ରୀଛାତ୍ରମାନେ ଯୁକ୍ତ ୨ରେ ନାମ ଲେଖାଇ ପାରୁନାହାନ୍ତି । ଶୁକ୍ରବାର ଏବଂ ଶନିବାର ଦୁଇ ଦିନ ଧରି ଯୁକ୍ତ ୨ରେ ନାମଲେଖାଇବା ପାଇଁ ଦିନ ଧାର୍ଯ୍ୟ ହୋଇଥିଲା । ହେଲେ ଶୁକ୍ରବାର ପ୍ରଥମ ଦିନରେ ଅଧିକାଂଶ କଲେଜରେ ନାମଲେଖା ହୋଇପାରି ନାହିଁ । ସାର୍ଟିଫିକେଟ୍ ନ ଥିବା ଯୋଗୁ ଛାତ୍ରୀଛାତ୍ରଙ୍କୁ କଲେଜ କର୍ତ୍ତୃପକ୍ଷ ନାମ ଲେଖାଇବାକୁ ସୁଯୋଗ ଦେଇ ନ ଥିଲେ। ଏହାକୁ ନେଇ ଛାତ୍ରୀଛାତ୍ର ଏବଂ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ମାଧ୍ୟମିକ ଶିକ୍ଷା ପରିଷଦର ଦାୟିତ୍ୱହୀନତାକୁ ନିନ୍ଦା କରାଯାଉଛି ।

ଯୁକ୍ତ ୨ ପ୍ରଥମ ପର୍ଯ୍ୟାୟ ନାମଲେଖା ଶେଷ ହୋଇଯାଇଛି । କୌଣସି କାରଣରୁ ପ୍ରଥମ ପର୍ଯ୍ୟାୟରେ ନାମ ଲେଖାଇବାରୁ ବଞ୍ଚିତ ଥିବା ଏବଂ ସପ୍ଲିମେଣ୍ଟାରୀରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କ ନାମଲେଖା ବର୍ତ୍ତମାନ ଚାଲିଛି । ଗତ ୧୩ ତାରିଖରେ ଅନ୍‌ଲାଇନ୍‌ରେ ଆବେଦନ ଆରମ୍ଭ ହୋଇ ୨୪ ତାରିଖରେ ଶେଷ ହୋଇଥିଲା। ଗୁରୁବାର ଯୋଗ୍ୟ ଛାତ୍ରୀଛାତ୍ରଙ୍କ ନାମ ପ୍ରକାଶ ପାଇଛି । ଏମାନେ ଶୁକ୍ରବାର ଏବଂ ଶନିବାର ଦୁଇ ଦିନ ପର୍ଯ୍ୟନ୍ତ ନାମ ଲେଖାଇବେ । ତେବେ ଏହି ପର୍ଯ୍ୟାୟରେ ନାମଲେଖାଇବା ପାଇଁ ଓରିଜିନାଲ ସାର୍ଟିଫିକେଟ୍, ନାମଲେଖା ଫି', ପାସ୍‌ପୋର୍ଟ ଫଟୋ, ସ୍କୁଲ ଲିଭିଙ୍ଗ୍ ସାର୍ଟିଫିକେଟ୍, କଣ୍ଡକ୍ଟ ସାର୍ଟିଫିକେଟ୍, ମାର୍କସିଟ୍ ଆଦି ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ତେବେ ସମସ୍ୟା ହେଲା, ଯେଉଁମାନେ ସପ୍ଲିମେଣ୍ଟାରୀ ପରୀକ୍ଷାରେ ପାସ୍ କରିଛନ୍ତି, ସେମାନଙ୍କୁ ବର୍ତ୍ତମାନ ସୁଦ୍ଧା ଓରିଜିନାଲ ସାର୍ଟିଫିକେଟ୍ ମିଳିନି । ପରୀକ୍ଷା ଫଳ ପ୍ରକାଶ ପରେ ଛାତ୍ରୀଛାତ୍ରମାନେ ନିଜ ନିଜ ସ୍କୁଲକୁ ସାର୍ଟିଫିକେଟ ପାଇଁ ଯାଇଥିଲେ । ହେଲେ ସାର୍ଟିଫିକେଟ୍ ପହଞ୍ଚି ନାହିଁ ବୋଲି ସ୍କୁଲ କର୍ତ୍ତୃପକ୍ଷ କହିଥିଲେ । ସେହିପରି ସାର୍ଟିଫିକେଟ୍ ନ ଥିବା ଯୋଗୁ ସ୍କୁଲ ଲିଭିଙ୍ଗ୍ ସାର୍ଟିଫିକେଟ୍ କିମ୍ବା କଣ୍ଡକ୍ଟ ସାର୍ଟିଫିକେଟ୍ ମଧ୍ୟ ଦେବାକୁ ସ୍କୁଲ କର୍ତ୍ତୃପକ୍ଷ ମନା କରିଦେଇଥିଲେ। ଯାହାକୁ ନେଇ ଛାତ୍ରୀଛାତ୍ରମାନେ ଚିନ୍ତିତ ହୋଇପଡ଼ିଥିଲେ । ଏନେଇ ମାଧ୍ୟମିକ ଶିକ୍ଷା ପରିଷଦର ଆଞ୍ଚଳିକ କାର୍ଯ୍ୟାଳୟ, ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ସ୍କୁଲ କର୍ତ୍ତୃପକ୍ଷଙ୍କ ସହ ଛାତ୍ରୀଛାତ୍ରମାନେ ମଧ ଯୋଗାଯୋଗ କରାଯାଇଥିଲା । କିନ୍ତୁ ସେମାନଙ୍କ ପାଖକୁ ମଧ ସାର୍ଟିଫିକେଟ୍ ଆସିନି, କେବେ ଆସିବ ସେମାନେ ଜାଣିନାହାନ୍ତି ବୋଲି ଉତ୍ତର ମିଳିଥିଲା। ଯେହେତୁ ବୋର୍ଡ଼ରୁ ସାର୍ଟିଫିକେଟ୍ ମିଳିନି, ଏଥିରେ ଛାତ୍ରୀଛାତ୍ରଙ୍କ କୌଣସି ଭୁଲ୍ ନାହିଁ, ଏଣୁ ନାମଲେଖା ବେଳେ ନିୟମ କୋହଳ ହେବ ବୋଲି ଆଶା ସୃଷ୍ଟି ହୋଇଥିଲା । ଶୁକ୍ରବାର ଅନ୍ୟାନ୍ୟ ପ୍ରମାଣପତ୍ର ସହ ଛାତ୍ରୀଛାତ୍ରମାନେ ଚୟନ ହୋଇଥିବା କଲେଜରେ ନାମଲେଖାଇବାକୁ ପହଞ୍ଚିଥିଲେ । ହେଲେ ଅନେକ କଲେଜ ନାମଲେଖାଇବାକୁ ମନା କରିଦେଇଥିଲେ। ସାର୍ଟିଫିକେଟ୍ କିମ୍ବା ସ୍କୁଲ ଲିଭିଙ୍ଗ୍ ସାର୍ଟିଫିକେଟ୍ ନ ଥିଲେ ନାମଲେଖାଯାଇ ପାରିବ ନାହିଁ ବୋଲି କଲେଜ କର୍ତ୍ତୃପକ୍ଷ କହିବାରୁ ଛାତ୍ରୀଛାତ୍ରମାନେ ନିରାଶ ହୋଇ ଫେରିଛନ୍ତି ।

ଜଣେ କଲେଜ କର୍ତ୍ତୃପକ୍ଷଙ୍କ କହିବାନୁଯାୟୀ, ଯଦି ବର୍ତ୍ତମାନ ସୁଦ୍ଧା ଛାତ୍ରୀଛାତ୍ରଙ୍କୁ ସାର୍ଟିଫିକେଟ୍ ମିଳିନି ତେବେ ନାମଲେଖା ବେଳେ ଏହି ନିୟମକୁ କୋହଳ କରିବା ପାଇଁ ସାମ୍ସ କିମ୍ବା ବିଭାଗ ତରଫରୁ ନିର୍ଦ୍ଦେଶ ମିଳିବା କଥା । ହେଲେ କୌଣସି ନିର୍ଦ୍ଦେଶନାମା ବର୍ତ୍ତମାନ ସୁଦ୍ଧା ମିଳିନି। ତେଣୁ ନାମଲେଖାଇବାକୁ ଛାତ୍ରୀଛାତ୍ରଙ୍କୁ ମନା କରିଦିଆଯାଇଛି। ଯଦି ଶନିବାର ବିଭାଗ ତରଫରୁ କୌଣସି ନିର୍ଦ୍ଦେଶନାମା ଜାରି ହୁଏ, ତେବେ ନାମଲେଖାଇବାକୁ ସୁଯୋଗ ଦିଆଯିବ ବୋଲି ସେ ପ୍ରକାଶ କରିଛନ୍ତି ।

ଅନ୍ୟପକ୍ଷରେ ମାଧ୍ୟମିକ ଶିକ୍ଷା ପରିଷଦର ଆଞ୍ଚଳିକ ଉପସଚିବ ସୁବାସ ଚନ୍ଦ୍ର ବେହେରା କହିଛନ୍ତି, ସାର୍ଟିଫିକେଟ୍ ମୁଦ୍ରଣରେ ସମସ୍ୟା ଦେଖାଦେଇଛି । ସେଥିପାଇଁ ବିଳମ୍ବ ହେଉଛି। ଆସନ୍ତା ୫ତାରିଖ ବେଳକୁ ସାର୍ଟିଫିକେଟ୍ ଉପଲବ୍ଧ ହେବ । ତେବେ ଇଣ୍ଟରନେଟ୍‌ରୁ ଯେଉଁ ମାର୍କସିଟ୍ ପ୍ରିଣ୍ଟ କରାଯାଇଛି, ତାହାକୁ ନେଇ ଛାତ୍ରୀଛାତ୍ରମାନେ ନାମଲେଖାଇ ପାରିବେ। ଆଗାମୀ ୧୦ଦିନ ଭିତରେ ସାର୍ଟିଫିକେଟ୍ ଦାଖଲ କରିବେ ବୋଲି ଛାତ୍ରୀଛାତ୍ରମାନେ ନାମଲେଖା ବେଳେ ଲିଖିତ ଭାବେ ଜଣାଇବେ । ଏନେଇ ସାମ୍ସଗୁଡ଼ିକୁ ସୂଚନା ଦିଆଯାଇଛି । ନାମଲେଖାରେ କୌଣସି ଅସୁବିଧା ହେବନି ବୋଲି ଆଞ୍ଚଳିକ ଉପସଚିବ ବେହେରା ପ୍ରକାଶ କରିଛନ୍ତି ।

## ଆବାସ ଯୋଜନା ହିତାଧିକାରୀ ସମ୍ମିଳନୀ

ବେଗୁନିଆପଡ଼ା,୩୦।୮(ଡି.ଏନ.ଏ.)

୨୦୨୨ ସୁଦ୍ଧା ରାଜ୍ୟରେ ସମସ୍ତଙ୍କୁ ପକ୍କାଘର ଯୋଗାଇଦେବା ପାଇଁ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଛି। ଏଥିପାଇଁ ତତ୍ପରତା ପ୍ରକାଶ ପାଇଛି। ଅନେକ ହିତାଧିକାରୀ କାର୍ଯ୍ୟାଦେଶ ପାଇବା ପରେ ମଧ ବିଭିନ୍ନ କାରଣରୁ ଗୃହ ନିର୍ମାଣ କରିପାରୁନାହାନ୍ତି। ଏହି ଦୃଷ୍ଟିରୁ କାର୍ଯ୍ୟାଦେଶ ଦେବା ପୂର୍ବରୁ ଏକ ଶପଥ ପାଠ କରିବା ପାଇଁ ସରକାରଙ୍କ ନିର୍ଦ୍ଦେଶରେ ଶୁକ୍ରବାର ବେଗୁନିଆପଡ଼ା ବ୍ଲକର ସୁମଣ୍ଡଳ ପଞ୍ଚାୟତରେ ଏକ ହିତାଧିକାରୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ପ୍ରଥମ କିସ୍ତି ପାଇବାର ୧୫ ଦିନ ମଧ୍ୟରେ ସ୍ତର, ଦିତୀୟ କିସ୍ତି ପାଇବାର ୨୦ ଦିନ ମଧ୍ୟରେ ଛାତ ପତ୍ତନ, ତୃତୀୟ କିସ୍ତି ପାଇବାର ୧୦ ଦିନ ମଧ୍ୟରେ ଛାତ ପକାଇବା, ତୃତୀୟ କିସ୍ତି ପାଇବାର ୪୫ ଦିନ ମଧ୍ୟରେ ସମ୍ପୂର୍ଣ୍ଣ କରିବା, କୌଣସି ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀର ପ୍ରଲୋଭନରେ ପ୍ରଭାବିତ ହେବେ ନାହିଁ ବୋଲି ଶପଥ କରିଥିଲେ। ଏଥିରେ ସୁମଣ୍ଡଳ, ଏସ. ଛଚିନା, ବୁରୁଝରି, ବଡ ଖଇରଖମା ପଞ୍ଚାୟତର ୫୬ ଜଣ ହିତାଧିକାରୀଙ୍କ ସମେତ ବିଡିଓ ଅରୁଣ କୁମାର ମଳିକ, ଏବିଡିଓ ପ୍ରଦୀପ କୁମାର ପଣ୍ଡା ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ସଚେତନତା

ପୋଲସରା,୩୦।୮(ଡି.ଏନ.ଏ.): ପୋଲସରା ବ୍ଲକ ହାତୀଓଟ ପଞ୍ଚାୟତ କାର୍ଯ୍ୟାଳୟରେ ଗୁରୁବାର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟକ ଶ୍ରୀକାନ୍ତ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏସ୍‌ଏଚ୍‌ଜି ମାଧମରେ ମହିଳାମାନେ କିଭଳି ରୋଜଗାରକ୍ଷମ ତାହା ବୁଝାଇଥିଲେ। ସମ୍ମାନିତ ଅତିଥି ଭାବେ ବିଡିଓ ଶମ୍ଭୁନାଥ ନନ୍ଦି, ମହିଳା ଓ ଶିଶୁ ବିକାଶ ଅଧିକାରୀ କୁନ୍ତଳା ନାୟକ, ପ୍ରଗତି ସହାୟକ ପୂର୍ଣ୍ଣଚନ୍ଦ୍ର ବେହେରା, ଜିପିଓ ଗୋପବନ୍ଧୁ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ, ସମିତିସଭ୍ୟ, ଅଙ୍ଗନୱାଡି କର୍ମୀ ଓ ମହିଳା ଗୋଷ୍ଠୀର କର୍ମକର୍ତ୍ତା ପ୍ରମୁଖ ଅଂଶଗ୍ରହଣ କରିଥିଲେ।

### ବାଲିପଦର କଲେଜରେ ଅଭିଭାବକ ସମ୍ମିଳନୀ

ବୁଗୁଡ଼ା,୩୦।୮(ଡି.ଏନ.ଏ.): ବୁଗୁଡ଼ା ବ୍ଲକ ବାଲିପଦର ଡିଗ୍ରୀ କଲେଜରେ ଅଭିଭାବକ ସମ୍ମିଳନୀ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କଲେଜ ଅଧକ୍ଷ ଡ. ବିବେକାନନ୍ଦ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ବୈଠକରେ ଛାତ୍ରୀଛାତ୍ରମାନଙ୍କ ୭୫% ଉପସ୍ଥାନ, ଶୃଙ୍ଖଳା ପାଇଁ ଅଭିଭାବକମାନଙ୍କ ସହଯୋଗ ନିତାନ୍ତ ଆବଶ୍ୟକ ବୋଲି ଅଧକ୍ଷ ମତ ଦେଇଥିଲେ। ଉଚ୍ଚଶିକ୍ଷା ବିଭାଗର ବିଭିନ୍ନ ନିର୍ଦ୍ଦେଶାବଳୀକୁ ସାଂସ୍କୃତିକ ବିଭାଗ ମୁଖ୍ୟ ଅଧାପକ ଗୋପୀନାଥ ମହାନ୍ତି ଆଲୋଚନା କରିଥିଲେ। ଅଧାପକ ଅମୀୟ କୁମାର ସ୍ୱାଇଁ, ଡ. ଏ. ଜିତେଶ ରାଓ ଦୋରା, ମିନତୀ ଆଚାରୀ, ପ୍ରେମାନନ୍ଦ ପ୍ରଧାନ, ଭକ୍ତଲତା ମହାପାତ୍ର ଓ ଶଲୀଳା ଉପସ୍ଥିତ ଥିଲେ। କ୍ରୀଡ଼ା ଶିକ୍ଷକ ଭଞ୍ଜନ କିଶୋର ଗୌଡ଼ ଧନ୍ୟବାଦ ଦେଇଥିଲେ। ପରିଚାଳନାରେ ଆଶିଷ କୁମାର ନାୟକ, ନବଘନ ପ୍ରଧାନ, ଏ. ଶିବାନୀ ଆଚାରୀ, ମୁଦୁରାଜୁ ଦୋରା ପ୍ରମୁଖ କର୍ମଚାରୀମାନେ ସହଯୋଗ କରିଥିଲେ।

### ମତ୍ସ୍ୟ ବିଜ୍ଞାନ ମହାବିଦ୍ୟାଳୟର ବାର୍ଷିକୋତ୍ସବ

ଗୋପାଳପୁର,୩୦।୮: ରଙ୍ଗେଇଲୁଣ୍ଡା ଗ୍ରାମସ୍ଥିତ ମତ୍ସ୍ୟ ବିଜ୍ଞାନ ମହାବିଦ୍ୟାଳୟର ୨୫ତମ ବାର୍ଷିକୋତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କୃଷି ମନ୍ତ୍ରୀ ଡ. ଅରୁଣ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ବିଧାୟକ ଡ. ପ୍ରଦୀପ କୁମାର ପାଣିଗ୍ରାହୀ, ବିଧାୟକ ସୁବାସ ବେହେରା, ଓୟୁଏଟିର କୁଳପତି ଡ. ପବନ କୁମାର ଅଗ୍ରୱାଲ, ମହାବିଦ୍ୟାଳୟର ନିର୍ଦ୍ଦେଶକ ପ୍ରଫେସର ସୌମିନ୍ଦ୍ର ନନ୍ଦ, ଅଧାପକ ଡ଼. ସୁଶାନ୍ତ କୁମାର ପାତ୍ର, ଛାତ୍ର ସଂସଦ ସଭାପତି ଶଶିକାନ୍ତ ବେହେରା, ସମ୍ପାଦକ ସୁଜିତ ମହାନ୍ତି ମଞ୍ଚାସୀନ ଥିଲେ। ମନ୍ତ୍ରୀ ଡ. ସାହୁ କୃଷି, ପଶୁ ଓ ମତ୍ସ୍ୟ ଚାଷ କ୍ଷେତ୍ରରେ ଯେଉଁ ରାଜ୍ୟ ବା ଦେଶ ବୈପ୍ଳବିକ ପରିବର୍ତ୍ତନ ହେଲେ ସେହି ଦେଶ ସେତେ ଉନ୍ନତିଶୀଳ ହୋଇପାରିବ ବୋଲି କହିଥିଲେ । ଏହି ଅବସରରେ ଗବେଷଣାତ୍ମକ ପୁସ୍ତକ 'ମାଛର ରୋଗ ଓ ତାର ପ୍ରତିକାରକ ଏବଂ ପ୍ରିନ୍ସିପୁଲସ୍ ଅଫ୍ ଏକ୍ୱା କଲଚର୍' ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା।

## ■ ଟାଟା ପ୍ରକଳ୍ପର ଆର୍‌ପିଡିଏସି ବୈଠକ

# ଶିକ୍ଷାଗତ ଯୋଗ୍ୟତା ଅନୁଯାୟୀ ନିଯୁକ୍ତିକୁ ଗୁରୁତ୍ୱ



ବୈଠକରେ ଉପସ୍ଥିତ ଲୋକପ୍ରତିନିଧି, ସରକାରୀ ଅଧିକାରୀ ଏବଂ କମ୍ପାନୀ କର୍ତ୍ତୃପକ୍ଷ ।

ବ୍ରହ୍ମପୁର ଅଫିସ୍,୩୦।୮

ଟାଟା ଗୋପାଳପୁର ପ୍ରକଳ୍ପର ଥଇଥାନ ଏବଂ ପାରିପାର୍ଶ୍ୱିକ ଉନ୍ନୟନ ପରାମର୍ଶଦାତା କମିଟି(ଆର୍‌ପିଡିଏସି)ର ବୈଠକ ଶୁକ୍ରବାର ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଆର୍‌ଡିସି ଟି.ଆଓ ଏଥିରେ ଅଧକ୍ଷତା କରିଥିଲେ । ବୈଠକରେ ବିସ୍ଥାପିତ ଲୋକଙ୍କୁ ମୌଳିକ ସୁବିଧା ସୁଯୋଗ ପ୍ରଦାନ ଉପରେ ଗୁରୁତ୍ୱ ଦିଆଯାଇଥିଲା। ବିସ୍ଥାପିତଙ୍କ ମଧ୍ୟରୁ ଶିକ୍ଷାଗତ ଯୋଗ୍ୟତା ଅନୁଯାୟୀ ନିଯୁକ୍ତି ଦେବାକୁ ଆଲୋଚନା ହୋଇଥିଲା। ଏଥିସହ ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତା, ପାନୀୟ ଜଳ, ବିଦ୍ୟୁତ୍‌କରଣ ସମ୍ପର୍କରେ ମଧ ଆଲୋଚନା କରାଯାଇଥିଲା । ବିସ୍ଥାପିତ ଗ୍ରାମଗୁଡ଼ିକରେ ଏକ ଇଂରାଜୀ ଆଦର୍ଶ ମାଧ୍ୟମିକ ବିଦ୍ୟାଳୟ ଖୋଲିବା, ଖେଳ ପଡ଼ିଆ, ବିସ୍ଥାପିତ ଗ୍ରାମରେ ଜମିପଟ୍ଟା ପ୍ରଦାନ, ପ୍ରତି ପରିବାରର ଜଣଙ୍କୁ ପ୍ରକଳ୍ପରେ ନିଯୁକ୍ତି ପ୍ରଦାନକୁ ଗୁରୁତ୍ୱ ଦିଆଯାଇଥିଲା। ବୈଠକରେ ଏମ୍‌ପି ଚନ୍ଦ୍ରଶେଖର ସାହୁ, ଗୋପାଳପୁର ବିଧାୟକ ଡ. ପ୍ରଦୀପ ପାଣିଗ୍ରାହୀ, ଛତ୍ରପୁର ବିଧାୟକ ସୁବାସ ବେହେରା, ଜିଲା ପରିଷଦ ଅଧ୍ୟକ୍ଷା ସୋନମ୍ ପଲାଇ, ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ଗଂଜାମ ଏସ୍‌ପି ବ୍ରିଜେଶ ରାୟ, ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର, ବ୍ରହ୍ମପୁର ଉପଜିଲାପାଳ ସିନ୍ଧେ ଦତ୍ତାତ୍ରୟ ଭାଉସାହେବ, ଛତ୍ରପୁର ଉପଜିଲାପାଳ ପ୍ରିୟରଞ୍ଜନ ପୃଷ୍ଟିଙ୍କ ସମେତ ବିସ୍ଥାପିତ ଅଞ୍ଚଳର ୱାର୍ଡ଼ମେମ୍ବର, ସରପଞ୍ଚ, ସମିତି ସଭ୍ୟ ଏବଂ ଜିଲା ପ୍ରଶାସନର ଅଧିକାରୀମାନେ ଯୋଗଦେଇଥିଲେ ।

## ଆଡପଡ଼ା ବିଦ୍ୟାଳୟ କମିଟି ଗଠନ ପାଇଁ ସରପଞ୍ଚଙ୍କ ଦାବି

ଦିଗପହଣ୍ଡି/ ପାଟପୁର,୩୦।୮(ଡି.ଏନ.ଏ.)

ସାନଖେମୁଣ୍ଡି ବ୍ଲକ ଆଡପଡ଼ା ଗ୍ରାମ ମାଣିକେଶ୍ୱରୀ ବିଦ୍ୟାପୀଠର ପରିଚାଳନା କମିଟି ଶୀଘ୍ର ଗଠନ କରାଯିବା ପାଇଁ ସ୍ଥାନୀୟ ସରପଞ୍ଚ ନୀଳମାଧବ ରାଉତ ଗୁରୁବାର ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ୨୦୧୫-୧୬ ଶିକ୍ଷାବର୍ଷଠାରୁ ବିଦ୍ୟାଳୟ ପରିଚାଳନା କମିଟି ଗଠନ କରାଯାଇ ନ ଥିବା ସ୍ମାରକପତ୍ରରେ ଉଲ୍ଲେଖ ରହିଛି। ବିଦ୍ୟାଳୟର ଭିତ୍ତିଭୂମି ବିକାଶ ପାଇଁ ରାଜ୍ୟ ସରକାର ପ୍ରାୟ ୧୧ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ ମଧ ତାହା ଖର୍ଚ୍ଚ ନ ହୋଇ ପଡ଼ିରହିଛି। ସେହିପରି ଶ୍ରେଣୀ କୋଠା ନିର୍ମାଣ ପାଇଁ ୧୦ ଲକ୍ଷ କ୍ରୀଡ଼ା କକ୍ଷ ଓ ଉପକରଣ ପାଇଁ ୭୦ହଜାର ଓ ଶୌଚାଳୟ ନିର୍ମାଣ ଲାଗି ୩୦ ହଜାର ଟଙ୍କା ଅନୁଦାନ ମଞ୍ଜୁର ହୋଇଥିଲେ ମଧ ତାହା ଖର୍ଚ୍ଚ ହୋଇପାରୁନି। ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗ ପକ୍ଷରୁ ଚାଲିଥିବା ମୋ ସ୍କୁଲ ଶ୍ରେଷ୍ଠ ସ୍କୁଲ କାର୍ଯ୍ୟକ୍ରମରେ ବିଦ୍ୟାଳୟକୁ ସାମିଲ କରାଯାଇ ବିଦ୍ୟାଳୟ ପରିଚାଳନା କମିଟି (ଏସ୍‌ଏମ୍‌ସି) ଗଠନ ପାଇଁ ସଭା ଡକାଯାଇ ପଦକ୍ଷେପ ନେବାକୁ ସେ ଜିଲା ଶିକ୍ଷାଧିକାରୀ ଡ. ସନାତନ ପଣ୍ଡାଙ୍କୁ ସ୍ମାରକପତ୍ରର ଏକ ନକଲ ପ୍ରଦାନ କରିଥିବା କହିଛନ୍ତି। ଏ ନେଇ ସାନଖେମୁଣ୍ଡି ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ମୁକୁନ୍ଦ ପ୍ରସାଦ ପାଢ଼ୀଙ୍କୁ ପଚାରିବାରୁ ଖୁବ୍‌ଶୀଘ୍ର ବିଦ୍ୟାଳୟ ପରିଦର୍ଶନ କରି ଅଭିଯୋଗର ତଦନ୍ତ ପରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

## ରୟାଲ ଏନ୍‌ଫିଲ୍ଡ ଆଣିଲା ନୂଆ ବୁଲେଟ୍

ବ୍ରହ୍ମପୁର ଅଫିସ,୩୦।୮

ରୟାଲ ଏନ୍‌ଫିଲ୍ଡ ପକ୍ଷରୁ ନୂଆ ବୁଲେଟ୍ ଏକ୍ସ ବଜାରକୁ ଆସିଛି। ବ୍ରହ୍ମପୁର, ଭଞ୍ଜନଗର, ଆସ୍କା ଏବଂ ପାରଳାଖେମୁଣ୍ଡିଠାରେ ଥିବା ବୈଷ୍ଣବୀ ଅଟୋମୋବାଇଲରୁ ଗ୍ରାହକମାନେ ଏହି ମଡେଲଟିକୁ କ୍ରୟ କରିବାକୁ ସୁବିଧା ପାଇ ପାରିବେ। ଏହାର ଏକ୍ସଶୋ'ରୁମ ବଜାର ଦର ୧.୧୨ ଲକ୍ଷ ଟଙ୍କାରୁ ଆରମ୍ଭ ହେଉଛି। ୩୫୦ ସିସି ଇଞ୍ଜିନ ବର୍ଗରେ ଆସୁଥିବା ଏହି ମଡେଲଟି ୩ଟି ରଙ୍ଗରେ ଉପଲବ୍ଧ। ଏଥିରେ ଗ୍ରାହକମାନେ ସିଙ୍ଗଲ ଚ୍ୟାନେଲ ଏବିଏସ୍ ଲାଭ କରିପାରିବେ। ଡିଜାଇନ୍ ଏବଂ ଇଞ୍ଜିନ ଦୃଷ୍ଟିକୋଣରୁ ଏହାକୁ ଶକ୍ତିଶାଳୀ କରି ପ୍ରସ୍ତୁତ କରାଯାଇଛି। ଏଥିରେ ଅନ୍ୟାନ୍ୟ ପ୍ରମୁଖ ବୈଶିଷ୍ଟ୍ୟ ଗ୍ରାହକ ପାଇପାରିବେ। ଗଣେଶ ପୂଜା ଅବସରରେ ଗ୍ରାହକଙ୍କ ଲାଗି ଏକ୍ସଚେଞ୍ଜ ସୁବିଧା ମଧ କରାଯାଇଛି। ୧୯,୯୯୯ ଟଙ୍କାର ଡାଉନପେମେଣ୍ଟ ଦେଇ ନୂଆ ଯାନଟିକୁ ଗ୍ରାହକ ନେଇ ପାରିବେ। ଏହି ଶୋ'ରୁମଗୁଡିକରେ ଗ୍ରାହକଙ୍କ ଲାଗି ବିକ୍ରି ଏବଂ ସର୍ଭିସ ସୁବିଧା ଉପଲବ୍ଧ କରାଯାଉଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

## କୋଟିପତି ଶିକ୍ଷକ ଜେଲ ଗଲେ

ବ୍ରହ୍ମପୁର ଅଫିସ,୩୦।୮

ଆୟ ବର୍ହିଭୁତ ସମ୍ପତ୍ତି ଠୁଳ ମାମଲାରେ କୋଟିପତି ଶିକ୍ଷକ ସଦାନନ୍ଦ ପାଢ଼ୀଙ୍କୁ ବ୍ରହ୍ମପୁର ଭିଜିଲାନ୍ସ ମାମଲା ନଂ ୨୨/୧୯ ପ୍ରକାରେ ଶୁକ୍ରବାର ଗିରଫ କରିଛି । ଗିରଫ ଶିକ୍ଷକଙ୍କ ସମ୍ପତ୍ତିର ମୂଲ୍ୟ ୧ କୋଟି ୫୫ ଲକ୍ଷ ୧୯ ହଜାର ୨୬୧ ଟଙ୍କା। ଯାହାକି ତାଙ୍କ ଆୟଠାରୁ ୨୦୫ ପ୍ରତିଶତ ଅଧିକ ବୋଲି ଭିଜିଲାନ୍ସ ଏସପି ମାୟାଧର ସ୍ୱାଇଁ ସୂଚନା ଦେଇଛନ୍ତି । ଶୁକ୍ରବାର ସନ୍ଧ୍ୟାରେ ଅଭିଯୁକ୍ତ ଶିକ୍ଷକଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ସୂଚନାଯୋଗ୍ୟ, ଗଞ୍ଜାମ ଜିଲା ସଦର ଥାନା ଅନ୍ତର୍ଗତ ଗଉଞ୍ଜୁ ବାଉରୀବନ୍ଧୁ ପାଳ ହାଇସ୍କୁଲର ସହକାରୀ ଶିକ୍ଷକ ସଦାନନ୍ଦ ଓ ତାଙ୍କ ସ୍ତ୍ରୀ ଜ୍ୟୋତ୍ସ୍ନାରାଣୀ ପାତ୍ରଙ୍କ ପାଖରେ ଆୟ ବର୍ହିଭୁତ ସମ୍ପତ୍ତି ଥିବା ଅଭିଯୋଗରେ ୪ଟି ସ୍ଥାନରେ ଚଢ଼ାଉ କରାଯିବାରୁ ସେମାନଙ୍କ ୧ କୋଟି ୯୮ ଲକ୍ଷ ୭୫ ହଜାର ୬୭୯ ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଥିବା ଆକଳନ କରାଯାଇଥିଲା । ସେଥିମଧ୍ୟରୁ ୧ କୋଟି ୫୫ ଲକ୍ଷ ୧୯ ହଜାର ୨୬୧ ଟଙ୍କାର ହିସାବ ଶିକ୍ଷକ ଦେଇପାରି ନ ଥିଲେ ବୋଲି ଏସପି ସ୍ୱାଇଁ ସୂଚନା ଦେଇଛନ୍ତି। ଅନ୍ୟପଟେ ସ୍ତ୍ରୀ ଜ୍ୟୋତ୍ସ୍ନାରାଣୀ ପାତ୍ରଙ୍କୁ ଅଟକ ରଖି ଭିଜିଲାନ୍ସ ପଚରାଉଚରା ଚଳାଇଛି ।

# ଅଖିଳ ଭାରତୀୟ ସନ୍ଥ ସମିତି ସମାବେଶ

ସୋରଡ଼ା, ୩୦।୮ (ଡି.ଏନ.ଏ.)

ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ବୁଧବାର ପଞ୍ଚାନନ ମନ୍ଦିର କଲ୍ୟାଣ ମଣ୍ଡପଠାରେ ଅଖିଳ ଭାରତୀୟ ସନ୍ଥ ସମିତିର ସମାବେଶ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ପ୍ରଦେଶ ସଭାପତି ସ୍ୱାମୀ ଶଙ୍କରାନନ୍ଦ ଗିରିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଆନ୍ଧ୍ରପ୍ରଦେଶ ସଭାପତି ମହନ୍ତ ରାଧାଚରଣ ଦାଶ, ଗଞ୍ଜାମ ଜିଲା ସଭାପତି ମହନ୍ତ ସୁନ୍ଦରାମ ଦାଶ, ଉପସଭାପତି ମହନ୍ତ ବ୍ରଜବନ୍ଧୁ ଦାଶ, ରାଜ୍ୟ ଉପସଭାପତି ମହନ୍ତ ନୃସିଂହ ଦାଶ, ରାଜ୍ୟ ସମ୍ପାଦକ ସତ୍ୟାନନ୍ଦ ମହାରାଜ ପ୍ରମୁଖ ମଞ୍ଚାସୀନ ଥିଲେ। ସକାଳେ ୨୦୦ରୁ ଊର୍ଦ୍ଧ୍ୱ ସାଧୁ ସନ୍ଥ ଜଗନ୍ନାଥଙ୍କ ଦର୍ଶନ କରି ଶୋଭାଯାତ୍ରାରେ ପଞ୍ଚାନନ ମନ୍ଦିରକୁ ଯାଇଥିଲେ। ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ବରିଷ୍ଠ ନାଗରିକ ଭଗବାନ ପଣ୍ଡା, ଶିଶିର ଦାଶ ପ୍ରମୁଖ ଯୋଗ ଦେଇଥିଲେ। ବଜରଙ୍ଗ ଦଳର ଅମ୍ବିକା ଦାଶ, ପ୍ରମୋଦ ଗୌଡ, ଟିଙ୍କୁ ବିଶୋୟୀ, ବାଳକୃଷ୍ଣ ଗୌଡ, ସାହେବ ଗୌଡ ପ୍ରମୁଖ ପରିଚାଳନା କରିଥିଲେ। ପ୍ରଥମ କରି ଏଠାରେ ସାଧୁ ସମାବେଶ ଆୟୋଜନ ଯୋଗୁ ଓଡିଶାର ବିଭିନ୍ନ ଜିଲା ତଥା ରାଜ୍ୟ ବାହାରୁ ଏବଂ ବିଦେଶ ନେପାଳରୁ ଆସିଥିବା ସମସ୍ତଙ୍କୁ ବିଶ୍ୱ ହିନ୍ଦୁ ପରିଷଦର ମୁରଲୀଧର ପଣ୍ଡା ସାଧୁବାଦ ଜ୍ଞାପନ କରିଥିଲେ।

# ଜଳବାୟୁ ପରିବର୍ତ୍ତନରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ

ଭଞ୍ଜନଗର,୩୦।୮(ଡି.ଏନ.ଏ)

ପୃଥିବୀରେ ପ୍ରଦୂଷଣ ମାତ୍ରା ବଢ଼ିଚାଲିଛି। ଲୋକଙ୍କ ମଧ୍ୟରେ ସଚେତନତା ଅଭାବ, ଜନସଂଖ୍ୟା, କଳକାରଖାନା ବୃଦ୍ଧି, ଜଙ୍ଗଲ କ୍ଷୟ ପ୍ରମୁଖ କାରଣ ଯୋଗୁ ପ୍ରଦୂଷଣ ବଢୁଛି। ଏହାଦ୍ୱାରା ଅନିୟମିତ ବର୍ଷା, ପ୍ରାକୃତିକ ଦୁର୍ବିପାକ ହେଉଛି। ଯାହାର ପ୍ରଭାବ କୃଷି ଉତ୍ପାଦନ ଉପରେ ପଡୁଛି। ପରିବେଶ କିଭଳି ସୁରକ୍ଷିତ ରହିପାରିବ ସେନେଇ ଲୋକଙ୍କୁ ସଚେତନତା କରାଇବାରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଜଳବାୟୁ ପରିବର୍ତ୍ତନ ଦ୍ୱାରା ମାନବସମାଜ ଉପରେ ପଡୁଥିବା କୁପ୍ରଭାବ ଉପରେ ସଚେତନତା କରିବାର ଆବଶ୍ୟକତା ରହିଛି। ଏଥିସହ ପରିବେଶ ପ୍ରଦୂଷଣକୁ କିଭଳି ରୋକାଯାଇପାରିବ ସେନେଇ ଲେଖନୀର ଆବଶ୍ୟକତା ରହିଛି। ସ୍ଥାନୀୟ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ କଲେଜ ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗ ଏବଂ ସ୍ୱାତୀର ମିଳିତ ସହଯୋଗରେ ଶୁକ୍ରବାର ଜଳବାୟୁ ପରିବର୍ତ୍ତନରେ ଗଣମାଧ୍ୟମର ଭୂମିକା ଉପରେ ଆୟୋଜିତ ଆଲୋଚନା ଚକ୍ରରେ ଯୋଗଦେଇ ବକ୍ତାମାନେ ତାହା ମତବ୍ୟକ୍ତ କରିଥିଲେ। ଅଧକ୍ଷ ଡ. ନୀଳାଞ୍ଚଳ ମୁନି ଉତ୍ସବରେ ସଭାପତିତ୍ୱ କରିଥିଲେ। ସ୍ୱାତୀର ଅଧିକାରୀ ଅଜିତ କୁମାର ପଣ୍ଡା ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ସତ୍ୟ ନାରାୟଣ ବେଉରା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଉତ୍ତର ଘୁମୁସର ବନଖଣ୍ଡ ଅଧିକାରୀ ଅଭୟ କୁମାର ଦଳେଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜଳବାୟୁ ପରିବର୍ତନ ଦ୍ୱାରା ପୃଥିବୀ ଉପରକୁ ମାଡ଼ି ଆସୁଥିବା ବିପଦ ସମ୍ପର୍କରେ କହିଥିଲେ। ଚିଲିକା ଉନ୍ନୟନ ସଂସ୍ଥାର ଏସିଏଫ୍ ଡ଼.ଫଣିନ୍ଦ୍ର ଭୂଷଣ ନନ୍ଦ ମୁଖ୍ୟବକ୍ତା, ଏସିଏଫ୍ ମିହିର କୁମାର ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

ଅଧାପକ ଡ଼.ବିନୋଦ ଚନ୍ଦ୍ର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଗୁରୁ ପ୍ରଦୀପ କୁମାର ସ୍ୱାଇଁ, ଗୁରୁମା ଚାନ୍ଦିନ ସିଂ, ଆଶୁତୋଷ ରଥ, ଦଣ୍ଡପାଣି ସ୍ୱାଇଁ, ଏମ୍.ବାଲାଜି, ଟି.କାମେଶ୍ୱର ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ। ଦାସ କାଠିଆ, ଲୋକନୃତ୍ୟ ମାଧ୍ୟମରେ ଜଳବାୟୁ ପରିବର୍ତ୍ତନ ଉପରେ ନାଟକ ପରିବେଷଣ ହୋଇଥିଲା। ସମସ୍ତ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶୁଳପାଣି ଶତପଥୀ ସଭା ସଂଯୋଜନା କରିଥିବାବେଳେ ଅଧାପକ ଡ଼.ସୁବାସ ଚନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।




କଣ୍ଠଶିଳ୍ପୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ୮ ପାହାଡ଼ରେ କରାଗଲାଣି ୩ ଲକ୍ଷ ମଞ୍ଜିରୋପଣ

ବ୍ରହ୍ମପୁର ଅଫିସ,୩୦।୮

ଗଞ୍ଜାମ ଜିଲାରେ ଥିବା ଲଣ୍ଡା ପାହାଡରେ ବନୀକରଣ ତଥା ପୁନଃ ଜଙ୍ଗଲ ସୃଷ୍ଟି କରିବାକୁ ବ୍ରହ୍ମପୁରର ଆର୍ଯ୍ୟଭଟ୍ଟ ଫାଉଣ୍ଡେଶନ ଅଣ୍ଟା ଭିଡିଛି । ଗତ ଜୁଲାଇ ମାସରୁ ଫାଉଣ୍ଡେଶନ ପକ୍ଷରୁ ବୃକ୍ଷଶୁନ୍ୟ ପାହାଡରେ ସିଡବଲ ମାଧମରେ ଆରମ୍ଭ ହୋଇଥିବା ମଞ୍ଜିରୋପଣ ଅଭିଯାନ ୨୦ତମ ପର୍ଯ୍ୟାୟରେ ପହଞ୍ଚିଛି । ୨୦ତମ ପର୍ଯ୍ୟାୟରେ ଦିଗପହଣ୍ଡିସ୍ଥିତ ଟିଙ୍ଗୁଡିଦେଇ ପାହାଡରେ ୪୦,୦୦୦ ସିଡବଲରୋପଣ କରାଯାଇଥିଲା। ଏହି ଅବସରରେ ପରିବେଶ ଯାତଥା ସଚେତନତା ପଦଯାତ୍ରା ମଧ ହୋଇଥିଲା। ଦିଗପହଣ୍ଡି ପୁଞ୍ଜିକୟାଁ ଛକ, ଚୁଡଙ୍ଗପୁର, ପାଟପୁର, କଙ୍କୋରଡା, ଶ୍ୟାମଳାଇ ଛକ, ହିଞ୍ଜିଳିକାଟୁ ଆଦି ଅଞ୍ଚଳରେ ଫାଉଣ୍ଡେଶନ ପକ୍ଷରୁ ପଲିଥିନ ବର୍ଜନ, ଜଳ ସଂରକ୍ଷଣ, ଚାରାରୋପଣ ଦିଗରେ ସଚେତନ କରାଯାଇଥିଲା । ଆର୍ଯ୍ୟଭଟ୍ଟ ଫାଉଣ୍ଡେଶନର ନିର୍ଦ୍ଦେଶକ ସୁଧୀର କୁମାର ରାଉତ, ବରିଷ୍ଠ ଶିକ୍ଷାବିତ ଶ୍ୟାମସୁନ୍ଦର ଖାଡଙ୍ଗା, ସ୍ୱରାଜ୍ୟ ସୁବୁଦ୍ଧି, ଅବସରପ୍ରାପ୍ତ ସୁରକ୍ଷାବଳ ଅଧିକାରୀ ସୁଦାମ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଖେମୁଣ୍ଡି କଲେଜ ଅଧାପକ ଅନୀଲ କୁମାର ସାହୁଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧାପକ ବିବେକାନନ୍ଦ ଦୋରା, ମାନସ ରଞ୍ଜନ ସାହୁ, ତ୍ରିଲୋଚନ ରଇତ, ସତ୍ୟନାରାୟଣ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ। ସୂଚନାଯୋଗ୍ୟ, ଜୁଲାଇ ମାସରୁ ଏ ପର୍ଯ୍ୟନ୍ତ ଆର୍ଯ୍ୟଭଟ୍ଟ ଫାଉଣ୍ଡେସନ ପକ୍ଷରୁ ଜିଲାର ୮ ଟି ପାହାଡରେ ୩ ଲକ୍ଷରୁ ଉର୍ଦ୍ଧ୍ୱ ସିଡବଲରୋପଣ କରାଗଲାଣି। ବାଳକୁମାରୀ, କୋଡାପଦର ପାଖ, ଟାମଣା ଘାଟି ପାହାଡ, ଚନ୍ଦନୀୟା ପାହାଡ, ରାମଚନ୍ଦ୍ର ପଲ୍ଲୀ, ଖଲ୍ଲିକୋଟ ଘାଟି, ଟାଙ୍ଗୁଡିଦେଇ, ଖଣ୍ଡଳବନ୍ଧ ପାହାଡରେ ସିଡବଲ ମାଧମରେ ପଣସ, ଆକାଶିଆ, ବାଉଁଶ, ଶିଶୁ, ରାଧାଚୂଡା, ତେନ୍ତୁଳି, ଚିରିଶା, ଚାକୁଣ୍ଡା ଆଦି ଗଛର ମଞ୍ଜିରୋପଣ କରାଯାଇଥିବା ଅନୁଷ୍ଠାନ ପକ୍ଷରୁ ସୂଚନା ମିଳିଛି ।




ଆର୍ଯ୍ୟଭଟ୍ଟ କର୍ମକର୍ତ୍ତାଙ୍କ ସଚେତନତା ପଦଯାତ୍ରା ।

### ଆର୍ଯ୍ୟଭଟ୍ଟର ସିଡବଲ କାର୍ଯ୍ୟକ୍ରମ

## ସଂକ୍ଷେପରେ

### ଚିତ୍ରାଙ୍କନ, ସାଧାରଣ ଜ୍ଞାନ ପ୍ରତିଯୋଗିତା

ବୁଗୁଡ଼ା,୩୦।୮(ଡି.ଏନ.ଏ.)-ବୁଗୁଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦରେ ଶନିବାର ସ୍ୱାୟତ୍ତ ଶାସନ ପାଳନ ଉପଲକ୍ଷେ ଶୁକ୍ରବାର ସ୍ଥାନୀୟ ଏନ୍ଏସି କଲ୍ୟାଣ ମଣ୍ଡପଠାରେ ଛାତ୍ରୀଛାତ୍ରଙ୍କ ମଧରେ ଚିତ୍ରାଙ୍କନ ଓ ସାଧାରଣ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ରଶ୍ମିରଞ୍ଜନ ଦାଶଙ୍କ ତତ୍ତ୍ୱାବଧାନ କରିଥିଲେ। କନିଷ୍ଠ ବର୍ଗର ଛାତ୍ରୀଛାତ୍ରଙ୍କ ମଧରେ ସ୍ୱଚ୍ଛତା ସମ୍ପର୍କରେ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିବା ବେଳେ ବରିଷ୍ଠ ବିଭାଗ ଛାତ୍ରୀଛାତ୍ରଙ୍କ ମଧରେ ସାଧାରଣ ଜ୍ଞାନ ପ୍ରତିଯୋଗିତା ହୋଇଥିଲା। ବିଚାରକ ଭାବେ ସ୍ଥିତଧି କୁମାର ରଥ କାର୍ଯ୍ୟ ସମ୍ପାଦକ କରିଥିବା ବେଳେ ପରିଚାଳନାରେ ରାମକୃଷ୍ଣ ପଟ୍ଟନାୟକ, ରମେଶ ଚନ୍ଦ୍ର ସାହୁ, ରଘୁନାଥ ପାଢ଼ୀ ପ୍ରମୁଖ ସହଯୋଗ କରିଥିଲେ। ଏଥିରେ ଏନଏସିର ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ର ଭାଗ ନେଇଥିଲେ ।

### ସାଧୁସନ୍ଥଙ୍କ ସମ୍ମେଳନ, ନାମ ସ୍ମରଣ ମହୋତ୍ସବ

ଶେରଗଡ଼,୩୦।୮(ଡି.ଏନ୍.ଏ.)- ଶେରଗଡ଼ ନିକଟସ୍ଥ ତାକରଡା ଗ୍ରାମରେ ଥିବା ରଘୁନାଥ ମଠରେ ଗୁରୁବାର ସାଧୁସନ୍ଥ ମାନଙ୍କ ସମ୍ମେଳନ ଓ ସ୍ମରଣ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମହନ୍ତ ସୁବଳ ଚରଣ ଦାସଙ୍କ ସଂଯୋଜନାରେ ଗୁରୁ ମଦନମୋହନ ଦାସଙ୍କ ସ୍ମରଣ ସମ୍ପର୍କରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। କାଞ୍ଚରୁ ମହନ୍ତ ହରିଚରଣ ଦାସ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗୁରୁ ସ୍ୱର୍ଗତ ମହନ୍ତ ମଦନମୋହନ ଦାସଙ୍କ ଶ୍ରାଦ୍ଧ ଦିବସ ଅବସରରେ ଗଞ୍ଜାମ ଜିଲାର ବହୁ ସାଧୁସନ୍ଥ ଯୋଗ ଦେଇଥିଲେ। ଗୁରୁ ମଦନମୋହନଙ୍କ ଦେହାନ୍ତର ୨୨ବର୍ଷ ବିତିଥିଲେ ମଧ ସେ ସାଧୁସନ୍ଥ ଜଗତରେ ବଞ୍ଚି ରହିଛନ୍ତି ବୋଲି ସାଧୁସନ୍ଥମାନେ କହିଥିଲେ। ଶେରଗଡ଼ ପୂର୍ବତନ ବ୍ଲକ ଅଧକ୍ଷ ବାବୁଲା କୁମାର ଚୌଧୁରୀ, ସମାଜ ସେବୀ ଦୁର୍ଗା ମାଧବ ବିଷୋୟୀ, ତ୍ରିନାଥ ସାହୁ, ସମୀର ପ୍ରଧାନାଙ୍କ ପରିଚାଳନାରେ ସ୍ୱର୍ଗତ ମହନ୍ତ ମଦନମୋହନ ମହାରାଜାଙ୍କ ଫଟୋରେ ପୁଷ୍ପମାଲ୍ୟ ଦେବା ସହ ଭଜନ କୀର୍ତ୍ତନ କରିଥିଲେ।

### କଙ୍ଗୋରେ ଫସିଛନ୍ତି ୨ ଓଡ଼ିଆ ଶ୍ରମିକ
### ଫେରାଇ ଆଣିବାକୁ ଶ୍ରମ କମିଶନରଙ୍କୁ ଚିଠି

ଛତ୍ରପୁର,୩୦।୮(ଡି.ଏନ୍.ଏ.)- ଗଞ୍ଜାମ ଜିଲାର ୨ ଶ୍ରମିକ ସେଣ୍ଟ୍ରାଲ ଅଫ୍ରିକାର କଙ୍ଗୋଠାରେ ଫସିଛନ୍ତି। ସେମାନେ ହେଲେ କବିସୂର୍ଯ୍ୟନଗର ଥାନା ଗୁଡ଼ିଆଲି ଗ୍ରାମର ଶିବରାମ ସାହୁ ଓ ଖଲ୍ଲିକୋଟ ଥାନା ଭିକାପଡ଼ା ଗ୍ରାମର ପିଣ୍ଟୁ ପରିଡ଼ା। ବର୍ତ୍ତମାନ ସେଠାରେ ଏବୋଲା ରୋଗ ବ୍ୟାପିଛି। ଶିବରାମ ଓ ପିଣ୍ଟୁ ଭାରତକୁ ଫେରିବା ପାଇଁ ସୋସିଆଲ ମିଡ଼ିଆରେ ଓଡ଼ିଶା ସରକାର, ଗଞ୍ଜାମ ଜିଲା ପ୍ରଶାସନ ଓ ଶ୍ରମ ଅଧିକାରୀଙ୍କୁ ନିବେଦନ କରିଥିଲେ। ଏ ନେଇ ଗଞ୍ଜାମ ଜିଲା ଶ୍ରମ ଅଧିକାରୀ ଶିବ ନାରାୟଣ ସାହୁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପରେ ଜିଲାପାଳ କୁଲାଙ୍ଗେ ରାଜ୍ୟ ଶ୍ରମ କମିଶନର ନିରଞ୍ଜନ ସାହୁଙ୍କୁ ଚିଠି କରି ଫସିଥିବା ୨ଜଣଙ୍କୁ ଭାରତ ଫେରାଇ ଆଣିବା ପାଇଁ ଲେଖିଛନ୍ତି।

### ଉଦ୍ଭିଦ ବିଜ୍ଞାନ ବିଭାଗ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ

ହିଞ୍ଜିଳିକାଟୁ,୩୦।୮(ଡି.ଏନ୍.ଏ.): ହିଞ୍ଜିଳିକାଟୁ ସ୍ୱୟଂଶାସିତ କଲେଜରେ ଗୁରୁବାର ସ୍ନାତକ ଓ ସ୍ନାତକୋତ୍ତର ପ୍ରଥମବର୍ଷ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଇଛି।ଏଥିଲାଗି କଲେଜ ଅଧକ୍ଷ ସିଏଚ୍ ଚନ୍ଦ୍ର ଶେଖର ପୃଷ୍ଟିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିଭାଗୀୟ ବରିଷ୍ଠ ପ୍ରାଧାପକ ସୁଶୀଲ କୁମାର ପାଣିଗ୍ରାହୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟର ପୂର୍ବତନ ପ୍ରଫେସର ଅଶୋକ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଛାତ୍ରୀ ପି. ଶ୍ରୀୟାଶ୍ୱେତା ପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଚଳିତବର୍ଷଠାରୁ କଲେଜରେ ଉଦ୍ଭିଦ ବିଜ୍ଞାନ ସ୍ନାତକୋତ୍ତର ପାଠ୍ୟକ୍ରମ ଆରମ୍ଭ ହୋଇଛି। ଏହି ବିଭାଗରେ କଲେଜ ପକ୍ଷରୁ ସୁନାମ ଆଣିବାକୁ ମୁଖ୍ୟ ଅତିଥି ପାଣିଗ୍ରାହୀ ଛାତ୍ରୀଛାତ୍ରଙ୍କୁ କହିଥିଲେ। ବିଭାଗୀୟ ମୁଖ୍ୟ ଡ. ବନ୍ଦନା ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବିଭାଗର ସମସ୍ତ ଅଧାପିକା, ଅଧାପକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ଦାରିଙ୍ଗବାଡ଼ି ଉପଡାକଘରେ ଅବ୍ୟବସ୍ଥା



ବରିଷ୍ଠ ନାଗରିକ ସରସ୍ୱତି ଗନ୍ତାୟତ ଉପଡାକଘରେ ଅପେକ୍ଷା କରିଛନ୍ତି।



ଦାରିଙ୍ଗବାଡ଼ି ଉପଡାକଘର।

- **ବରିଷ୍ଠ ନାଗରିକଙ୍କୁ ଅଣଦେଖା**
- **ଟଙ୍କା ପାଇଁ ଦୌଡ଼ି ଗ୍ରାହକ ନୟାନ୍ତ**

ଦାରିଙ୍ଗବାଡ଼ି,୩୦।୮(ଡି.ଏନ.ଏ)

ଦାରିଙ୍ଗବାଡ଼ିଠାରେ ଥିବା ଉପଡାକଘର ଅବ୍ୟବସ୍ଥା ମଧ ଦେଇ ଗତି କରୁଛି। କେବେ କର୍ମଚାରୀ ଅଭାବ ତ ଆଉକେବେ ଇଣ୍ଟରନେଟ୍ ସମସ୍ୟା ପାଇଁ ହିତାଧିକାରି ନିରାଶ ହେଉଛନ୍ତି। ଏବେ ବିଭାଗ ପକ୍ଷରୁ ଡାକଘରେ ଚିଠି ଆଦାନ ପ୍ରଦାନ ସହ ଅର୍ଥ ନେଣଦେଣ ପାଇଁ ଅତ୍ୟାଧୁନିକ ବ୍ୟବସ୍ଥା କରାଯାଉଥିବାବେଳେ ଦାରିଙ୍ଗବାଡ଼ି ଉପ ଡାକଘରେ କିନ୍ତୁ ସମସ୍ତ ବ୍ୟବସ୍ଥା ଥାଇ ହିତାଧିକାରୀ ହଇରାଣ ହେଉଛନ୍ତି। ନିଜସ୍ୱ କୋଠା ନଥିବାବେଳେ ଏକ ଛୋଟ ଭଡ଼ାଘରେ ଏହି ଉପଡାକଘର ଚାଲିଛି। ନିଜର ଜମି ଥାଇ ମଧ ଘର ହେଉନି। କିଛିଦିନ ହେଲା ଲୋକେ ଉପଡାକଘରକୁ ଗଲେ ସେମାନଙ୍କୁ ଭିତରକୁ ଯିବାକୁ ବାରଣ କରାଯାଉଛି। କବାଟ ବନ୍ଦ ରଖି ଝରକା ଦେଇ ସମସ୍ତ କାରବାର କରିବାକୁ ନିଜେ ଉପଡାକଘର ଅଧିକାରୀ ନିୟମ କରିଛନ୍ତି। ଫଳରେ ବରିଷ୍ଠ ନାଗରିକ, ମହିଳା ଏନେଇ ବହୁ ହଇରାଣ ହେଉଛନ୍ତି। ଦାରିଙ୍ଗବାଡ଼ିର ବରିଷ୍ଠ ନାଗରିକ ସରସ୍ୱତୀ ଗନ୍ତାୟତ କହିଛନ୍ତି ଯେ, ତାଙ୍କ ପୁଅ ଗତ ୨୦୦୫ରେ ଏକ ରାସ୍ତା ଦୁର୍ଘଟଣାରେ ମୃତ୍ୟୁବରଣ କରିଥିଲେ। ବୀମା ବାବଦ ଅର୍ଥ ଏହି ଉପଡାକଘରେ ରହିଛି। ସେ ଏବେ ରୋଗରେ ପଡିଥିବାରୁ ଟଙ୍କା ପାଇଁ ଦୌଡି ନୟାନ୍ତ ହେଲେଣି। ସ୍ୱାସ୍ଥ୍ୟ ଖରାପ ସତ୍ତ୍ୱେ ବୁଧବାର ଯାଇଥିବାବେଳେ ତାଙ୍କୁ ଭିତରକୁ ନ ଛାଡିବାରୁ ବାରଣ୍ଡାରେ ବହୁ ସମୟ ଅପେକ୍ଷା କରିଥିଲେ।

ବରିଷ୍ଠ ନାଗରିକଙ୍କୁ ଏଭଳି ଦୁର୍ବ୍ୟବହାରକୁ ଦାରିଙ୍ଗବାଡ଼ି ସରକାରୀ ଅବସରପ୍ରାପ୍ତ କର୍ମଚାରୀ ସଂଘ ସମ୍ପାଦକ ତଥା ବରିଷ୍ଠ ନାଗରିକ ସଂଘ (ଦାରିଙ୍ଗବାଡ଼ି) ସଦସ୍ୟ ପତିତପାବନ ରାଉତ ନିନ୍ଦା କରିବା ସହ ଏହାକୁ ବରଦାସ୍ତ କରାଯିବ ନାହିଁ ବୋଲି କହିଛନ୍ତି। ଏନେଇ ଦାରିଙ୍ଗବାଡ଼ି ଆଇଆଇସି ଅଲେଖ ଗରଡ଼ିଆ କହିଛନ୍ତି ଯେ, ବରିଷ୍ଠ ନାଗରିକଙ୍କୁ ସମ୍ମାନ ଦେବା ଆବଶ୍ୟକ, କେହି ଖିଲାପ କରିପାରିବେ ନାହିଁ ବୋଲି କହିଛନ୍ତି। ସେହିପରି ଉପଡାକଘରେ ଚିଠି ସଠିକ ଭାବେ ମିଳୁ ନ ଥିବା ଦାରିଙ୍ଗବାଡ଼ି ଶିକ୍ଷକ କଲ୍ୟାଣ ମହାସଂଘ ସଭାପତି ଯାମିନୀକାନ୍ତ ପତ୍ରା ଅଭିଯୋଗ କରିଛନ୍ତି।

ଏନେଇ ଉପଡାକଘର ଅଧିକାରୀ ବିଦ୍ୟାଶଙ୍କର ପ୍ରଧାନ କହିଛନ୍ତି, ବ୍ରଡବ୍ୟାଣ୍ଡ ଲିଙ୍କ ଫେଲ ରହୁଛି। ସେଥିପାଇଁ ସେ ଅଧିକା ସମୟ ଏଠାରେ କାର୍ଯ୍ୟକରି ସମସ୍ୟାର ସମାଧାନ ପାଇଁ ଚେଷ୍ଟା କରୁଛନ୍ତି। ବରିଷ୍ଠ ନାଗରିକ ସରସ୍ୱତୀ ଗନ୍ତାୟତଙ୍କୁ ମୁଁ ଡାକଘରକୁ ଡକାଇଥିଲି ତାଙ୍କ ସମସ୍ୟାର ସମାଧାନ ପାଇଁ, କୌଣସି ଦୁର୍ବ୍ୟବହାର କରି ନ ଥିବା ସେ କହିଛନ୍ତି। ଶୀଘ୍ର ଜିଲା ଅଧିକାରୀ ଉପଡାକଘରର ସମସ୍ୟାକୁ ସମାଧାନ କରିବାକୁ ବରିଷ୍ଠ ନାଗରିକ ସଂଘ ସହ ଶିକ୍ଷକ କଲ୍ୟାଣ ମହାସଂଘ ସମେତ ବିଭିନ୍ନ ସଂଗଠନ ଦାବି କରିଛନ୍ତି।

# ପଞ୍ଜୀକୃତ ଶ୍ରମିକଙ୍କୁ ସହାୟତା ମିଳୁନି

ଛତ୍ରପୁର,୩୦।୮(ଡି.ଏନ.ଏ)

ଗଞ୍ଜାମ ବ୍ଲକ ବରପଲ୍ଲୀ ଗାଁର ଶ୍ରମିକମାନେ ପଞ୍ଜୀକୃତ ହୋଇ ମଧ ୪ ବର୍ଷ ହେଲା କୌଣସି ସରକାରୀ ସହାୟତା ପାଉ ନ ଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଛତ୍ରପୁରସ୍ଥିତ ଶ୍ରମ କାର୍ଯ୍ୟାଳୟକୁ ଆସି ଅଧିକାରୀଙ୍କୁ ଜଣାଇଥିଲେ। ତଥାପି କୌଣସି ପଦକ୍ଷେପ ନିଆଯାଇ ନ ଥିବା ଶ୍ରମିକମାନେ କହିଛନ୍ତି। ବୁଧବାର ସରକାରୀଙ୍କ ନିୟମ ଅନୁସାରେ ସାଇକେଲ, ପିଲାଙ୍କ ପାଠ ପଢ଼ା ପାଇଁ ଷ୍ଟାଇପେଣ୍ଡ ଆଦି ମିଳିନି । ଗୁରୁବାର ବରପଲ୍ଲୀ ଗ୍ରାମର ଶ୍ରମିକମାନେ ଛତ୍ରପୁର ଆସି ଅତିରିକ୍ତ ଜିଲାପାଳ କବୀନ୍ଦ୍ର ସାହୁଙ୍କୁ ଭେଟି ଏ ନେଇ ସ୍ମାରକପତ୍ର ପ୍ରଦାନ କରିଛନ୍ତି।



ସ୍ମାରକପତ୍ର ପ୍ରଦାନ କରିବାକୁ ଆସିଥିବା ଶ୍ରମିକମାନେ।

# ଓଡିଆରପି ଘରେ ନ ରହିଲେ ବାତିଲ ହେବ

ଛତ୍ରପୁର,୩୦।୮(ଡି.ଏନ.ଏ.)

ବିଶ୍ୱବ୍ୟାଙ୍କ ସହାୟତାରେ ଗଞ୍ଜାମ ଉପକୂଳବର୍ତ୍ତୀ ଲୋକଙ୍କ ନିର୍ମାଣ କରାଯାଉଥିବା ଓଡିଆରପି ଘର ସମ୍ପର୍କିତ ଏକ ସମୀକ୍ଷା ବୈଠକ ଗୁରୁବାର ଛତ୍ରପୁରସ୍ଥିତ ଜିଲାପାଳଙ୍କ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଛି। ଏଥିରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଅଧକ୍ଷତା କରି ନିର୍ଦ୍ଧାରିତ ସମୟ ମଧରେ ଓଡିଆରପି ଘର ନିର୍ମାଣ ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଯେଉଁ ବ୍ୟକ୍ତି ଉକ୍ତ ଘର ପାଇ ସେଠାରେ ରହୁନାହାନ୍ତି କିମ୍ବା ଘରକୁ ଭଡା ଆକାରରେ ଦେଉଛନ୍ତି ସେମାନଙ୍କ ନାମକୁ ବାତିଲ କରାଯାଇ ଅନ୍ୟ ହିତାଧିକାରୀଙ୍କୁ ପ୍ରଦାନ କରାଯିବ ବୋଲି ଜିଲାପାଳ କହିଥିଲେ । ପ୍ରତ୍ୟେକ ଘରେ ଠିକ୍ ହିତାଧିକାର ରହୁଛନନ୍ତି କି ନାହିଁ ତାହା ରିତମତ ଯାଞ୍ଚ କରାଯିବ । ଓଡିଆରପି କଲୋନୀକୁ ସୁଦୃଶ୍ୟ କରିବାକୁ ଜିଲାପାଳ କହିଥିଲେ । ଏଥିରେ ଯଥେଷ୍ଟ ଚାରାରୋପଣକୁ ପ୍ରାଧାନ୍ୟ ଦିଆଯାଇଛି। ପାନୀୟ ଜଳ, ଶୌଚାଳୟ, ବିଜୁଳି ସଂଯୋଗ, ଅଙ୍ଗନୱାଡି କେନ୍ଦ୍ର ଗୋଷ୍ଠୀ ଚିତବିନୋଦନ କେନ୍ଦ୍ର ପ୍ରଭୃତି ପ୍ରତ୍ୟେକ କଲୋନୀରେ ସମ୍ପୂର୍ଣ୍ଣ ହେବା ଆବଶ୍ୟକ। ସମ୍ପୃକ୍ତ ଉପଜିଲାପାଳ ଏହାର ସମୀକ୍ଷା କରିବା ପରେ ଜିଲାସ୍ତରୀୟ ସମୀକ୍ଷା ହେବ । ୧୬ ହଜାର ୨୯୦ ଓଡିଆରପି ଘରକୁ ସବୁମତେ ସମୟ ଭିତିରେ ସମ୍ପୂର୍ଣ୍ଣ କରିବାକୁ ଜିଲାପାଳ କହିଛନ୍ତି। ଯେଉଁ ଠିକାଦାରମାନେ କାମ ସମ୍ପୂର୍ଣ୍ଣ କରିବାରେ ଅବହେଳା କରୁଛନ୍ତି ସେମାନଙ୍କ ବିରୋଧରେ ଫୌଜଦାରୀ ଆଇନ୍ ଲାଗୁ କରାଯିବ । ଖଲ୍ଲିକୋଟ ବ୍ଲକର ପିତାଗାଡିଆ ଏବଂ ଗଞ୍ଜାମ ବ୍ଲକର ଅରୁଣପୁର ଗାଁରେ ଓଡିଆରପି କେଲନୀରେ ନିର୍ମାଣ କରାଯାଉଥିବା ଓଭରହେଡ ଟ୍ୟାଙ୍କର କାର୍ଯ୍ୟ ଠିକାଦାର ଅଧାରୁ ଛାଡି ଦେଇଥିବାରୁ ଏହାର ମାଜିଷ୍ଟ୍ରେଟ ସ୍ତରୀୟ ତଦନ୍ତ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ତଦନ୍ତଆଧାରରେ ଦୋଷୀ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବୈଠକରେ ଅତିରିକ୍ତ ଜିଲାପାଳ ଲକ୍ଷ୍ମୀକାନ୍ତ ସେଠୀ, ବ୍ରହ୍ମପୁର ଉପଜିଲାପାଳ ସିନ୍ଧେ ଦତାତ୍ରୟ ଭାଉସାହେବ, ଛତ୍ରପୁର ଉପଜିଲାପାଳ ପ୍ରିୟ ରଞ୍ଜନ ପୃଷ୍ଟିଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ବିଏସ୍ଏନ୍ଏଲ୍ ଅସ୍ଥାୟୀ କର୍ମଚାରୀଙ୍କୁ ଦରମା ନାହିଁ

ଭଞ୍ଜନଗର,୩୦।୮(ଡି.ଏନ.ଏ)

ବୁଗୁଡ଼ା ଟେଲିଫୋନ ବିଭାଗରେ ଆଜକୁ ୨୮ ବର୍ଷ ହେବ ପ୍ରଦୀପ କୁମାର ସାହୁ ଅସ୍ଥାୟୀ କର୍ମଚାରୀ ଭାବେ କାମ କରୁଥିଲେ। ଗତ ୨୬ ତାରିଖରେ ସେ ଟେଲିଫୋନ ଲାଇନ ସଜାଡୁଥିବା ସମୟରେ ବିଦ୍ୟୁତ୍ ଆଘାତରେ ଗୁରୁତର ଆହତ ହୋଇଥିଲେ। ବର୍ତ୍ତମାନ ସେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ପ୍ରଦୀପ ଜଣେ ଅସ୍ଥାୟୀ କର୍ମଚାରୀ ହୋଇଥିବା ଯୋଗୁ ଆର୍ଥିକ ଅନାଟନ ଭିତରେ ଚଳୁଥିବାବେଳେ ବିଗତ ୮ମାସ ହେବ ବକେୟା ଦରମା ମିଳିନାହିଁ। ଏହିଭଳି ପରିସ୍ଥିତିରେ ସେ ଆହତ ହୋଇଥିଲେ। ବିଭାଗ ପକ୍ଷରୁ ପ୍ରଦୀପଙ୍କ ଚିକିତ୍ସା ପାଇଁ କୌଣସି ପଦକ୍ଷେପ ନିଆଯାଉନାହିଁ। ଯାହାକୁ ନେଇ କର୍ମଚାରୀଙ୍କ ମଧରେ ଅସନ୍ତୋଷ ପ୍ରକାଶ ପାଇଛି। ଚିକିତ୍ସା ଖର୍ଚ୍ଚ ସରକାରଙ୍କ ପକ୍ଷରୁ ବହନ କରିବା ସହ ଆବଶ୍ୟକ କ୍ଷତିପୂରଣ ଯୋଗାଇ ଦେବାକୁ ବିଏସ୍ଏନଏଲ ଅସ୍ଥାୟୀ କର୍ମଚାରୀ ସଂଘ ଭଞ୍ଜନଗର ଶାଖା ପକ୍ଷରୁ ଗୁରୁବାର ଦାବି କରାଯାଇଛି। ଏନେଇ ସଂଘର ଏକ ବୈଠକ ଗୁରୁବାର ଭଞ୍ଜନଗର କାର୍ଯ୍ୟାଳୟ ପରିସରରେ ଭଗବାନ ସେଠୀଙ୍କ ସଭାପତିତ୍ୱରେ ବସିଥିଲା। ଏଥିରେ କର୍ମଚାରୀଙ୍କ ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା। ଭଞ୍ଜନଗର ଶ୍ରମିକ କର୍ମଚାରୀ ସଂଘର ସମ୍ପାଦକ ହରେକୃଷ୍ଣ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ପାଦକ ମୋହନ ଗୌଡ଼, କୋଷାଧକ୍ଷ ରତିକାନ୍ତ ସ୍ୱାଇଁ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।



ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

### ଦୁର୍ଘଟଣାରେ ଡ୍ରାଇଭର ଗୁରୁତର

ଖଲ୍ଲିକୋଟ,୩୦।୮(ଡି.ଏନ.ଏ.)

ଖଲ୍ଲିକୋଟ ବ୍ଲକ ଗୁରାପଲି ଟୋଲ ଗେଟ ନିକଟରେ ଗୁରୁବାର ବିଳମ୍ବିତ ରାତିରେ ଏକ ଟ୍ରକ ପଛକୁ ଟ୍ରକ ଧକ୍କା ଦେବାରୁ ଡ୍ରାଇଭର ଗୁରୁତର ହୋଇଛନ୍ତି। ସେ ହେଲେ ତେଜା (୨୫)। ବାଙ୍ଗାଲୁରୁରୁ ଭୁବନେଶ୍ୱର ଦିଗରେ ଯାଉଥିବା ଏକ ଟମାଟ ବୋଝେଇ ଟ୍ରକକୁ ପଛପଟୁ ଏକ କୋବି ବୋଝେଇ ଟ୍ରକ ଧକ୍କା ଦେବା ଫଳରେ ଚାଳକ କ୍ୟାବିନରେ ଚାପି ହୋଇ ରହି ଯାଇଥିଲେ। ଦମକଳ ବାହିନୀ ପହଞ୍ଚି ଡ୍ରାଇଭରଙ୍କୁ ଉଦ୍ଧାର କରି ଖଲ୍ଲିକୋଟ ସ୍ୱାସ୍ଥ୍ୟକେନ୍ଦ୍ର ପରେ ବ୍ରହ୍ମପୁର ମେଡିକାଲକୁ ପଠାଇଥିଲେ। ଆଇଆଇସି ସୁନୀଲ କୁମାର ବେହେରା ୨ ଟ୍ରକକୁ ଜବତ କରିଛନ୍ତି। ସେହିପରି ଶୁକ୍ରବାର କନ୍ହେଇପୁର ଛକ ନିକଟରେ ଦୁଇ କଲେଜ ଛାତ୍ରୀ ସ୍କୁଟିରେ ଯାଉଥିବା ଏକ କାର ଧକ୍କା ଦେବାରୁ ଆହତ ହୋଇଥିଲେ। ପାଲିସ କାରକୁ ଜବତ କରିଛି।

# ମଜଦୁର ସଂଘ ପକ୍ଷରୁ ଚାରାରୋପଣ



ଉପସ୍ଥିତ ସଂଘ କର୍ମକର୍ତ୍ତା।

କବିସୂର୍ଯ୍ୟନଗର,୩୦।୮

କବିସୂର୍ଯ୍ୟନଗର ଭାରତୀୟ ମଜଦୁର ସଂଘ ତରଫରୁ ବୁଧବାର ଚାରାରୋପଣ କାର୍ଯ୍ୟକ୍ରମ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଗୁଡ଼ିଆଳି ଛକଠାରୁ ଗୌଡ଼ଡ଼ିପ ପର୍ଯ୍ୟନ୍ତ ବିଭିନ୍ନ ପ୍ରକାର ଚାରାରୋପଣ କରାଯାଇଥିଲା। ସଂଘର ଜିଲା ସାଧାରଣ ସମ୍ପାଦକ ରାଜେନ୍ଦ୍ର ନାଥ ନାୟକଙ୍କ ନେତୃତ୍ୱରେ ଜିଲା ସମ୍ପାଦକ ମୁରଲୀଧର ପାଣିଗ୍ରାହୀ, ଯୁଗ୍ମ ସମ୍ପାଦକ ଯଦୁକୁଳ ପଟ୍ଟନାୟକ, କବିସୂର୍ଯ୍ୟନଗର ସଭାପତି ପୀତବାସ ପଣ୍ଡା ଓ ସମ୍ପାଦକ ଗୌରୀଶଙ୍କର ପାତ୍ର ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

# ପ୍ରଶାସନ, ରାମେୟାପାଟଣା ଗ୍ରାମବାସୀଙ୍କ ଆଲୋଚନା ସଭା

ଚିକିଟି,୩୦।୮(ଡି.ଏନ.ଏ.)

ଚିକିଟି ବ୍ଲକ୍ ରାମେୟାପାଟଣାରେ ପ୍ରତିବର୍ଷ ଜୁଆର ମାଡ଼ରେ ବହୁ ପରିବାର କ୍ଷତିଗ୍ରସ୍ତ ହେଉଛନ୍ତି। ଏ ନେଇ ଗୁରୁବାର ଅପରାହ୍ନରେ ଚିକିଟି ତହସିଲ୍ କାର୍ଯ୍ୟାଳୟ ପରିସରରେ ପ୍ରଶାସନ ଓ ଗ୍ରାମବାସୀଙ୍କ ମିଳିତ ଆଲୋଚନା ସଭା ହୋଇଥିଲା। ପ୍ରଶାସନ ପକ୍ଷରୁ ୨୧ ତାରିଖରେ ରାଜ୍ୟ ସ୍ୱତନ୍ତ୍ର ବୈଷୟିକ ଟିମ୍ ଉକ୍ତ ଗ୍ରାମକୁ ଯାଇ ତଥ୍ୟ ସଂଗ୍ରହ କରି ଫେରିଥିଲେ। ୨୭ ତାରିଖରେ ଚେନାଇର ଜାତୀୟ ସାମୁଦ୍ରିକ ବୈଷୟିକ ସଂସ୍ଥାର ବୈଜ୍ଞାନିକ ଏକ୍ ଟିମ୍, ୧୭ ତାରିଖରେ ବ୍ରହ୍ମପୁର ଉପଜିଲାପାଳ ଶିନ୍ଧେ ଦତ୍ତାତ୍ରୟ ଭାଉସାହେବ ମଧ ଘଟଣାସ୍ଥଳକୁ ଯାଇ ତଦନ୍ତ କରି ଫେରିଥିଲେ। ଶୁକ୍ରବାର ଅପରାହ୍ନରେ ଚିକିଟି ନିର୍ବାଚନ ମଣ୍ଡଳୀର ବିଧାୟିକା ଉଷା ଦେବୀ ଓ ବ୍ରହ୍ମପୁର ଏମ୍ପି ଚନ୍ଦ୍ର ଶେଖର ସାହୁ ଉକ୍ତ ଗ୍ରାମକୁ ଯାଇ କ୍ଷତିଗ୍ରସ୍ତ ପରିବାରଙ୍କ ସହ ଆଲୋଚନା କରି ଶୀଘ୍ର ସହାୟତା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଜିଲା ପ୍ରଶାସନ ପକ୍ଷରୁ କ୍ଷତିଗ୍ରସ୍ତଙ୍କୁ ଥଇଥାନ ପାଇଁ ସହଯୋଗ କରାଯିବ ବୋଲି ତହସିଲ୍ଦାର ହରପ୍ରସାଦ ଭୋଇ ଗ୍ରାମବାସୀଙ୍କୁ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ଏଥିପାଇଁ ତହସିଲ୍ଦାରଙ୍କ ଅଧକ୍ଷତାରେ ୬ଜଣିଆ କମିଟି ଗଠନ କରାଯାଇଛି । ସେହି କମିଟି ଶୁକ୍ରବାର ଉକ୍ତ ଗ୍ରାମକୁ ପରିଦର୍ଶନ କରିଥିଲେ। ମୋଟ ୨୭ ପରିବାର ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଛି। ଆଗାମୀ ଦିନରେ ଯଦି ବଡ ଜୁଆର ଆସେ ତା'ହେଲେ ସମୁଦାୟ ୧୯୦ରୁ ଉର୍ଦ୍ଧ୍ୱ ପରିବାରଙ୍କ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହେବାର ଆଶଙ୍କା ରହିଛି। କ୍ଷତିଗ୍ରସ୍ତ ପରିବାରଙ୍କ ରିପୋର୍ଟ ଜିଲା ପ୍ରଶାସନକୁ ପଠାଯିବ ବୋଲି କହିଛନ୍ତି। ସୂଚନାଯୋଗ୍ୟ, ଏହିଭଳି ସମୁଦ୍ର ଜୁଆର ମାଡ ଏବଂ ଗ୍ରାମ ନିକଟରେ ଥିବା ବାହୁଦାନଦୀ ମୁହାଣ ବାରମ୍ବାର ଦିଗ ପରିବର୍ତ୍ତନ କରୁଥିବାରୁ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ରହୁଛନ୍ତି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ନ ଦେଲ ରାମେୟାପାଟଣା ଗ୍ରାମ ସମୁଦ୍ର ଗର୍ଭରେ ମିଶିଯିବାର ଆଶଙ୍କା ରହିଛି। ଶୁକ୍ରବାର ସମୁଦ୍ର ଅଶାନ୍ତ ରହିଛି। ରାଜସ୍ୱ ନିରୀକ୍ଷକ ଗିରିଜା ଭୂଷଣ ମଲ୍ଲିକ୍ ଓ ତହସିଲ୍ ପ୍ରଶାସନ ଏବଂ ସ୍ୱତନ୍ତ୍ର ଟିମ୍ ପହଞ୍ଚି ପରିସ୍ଥିତିକୁ ଦୃଷ୍ଟିରେ ରଖିଛନ୍ତି।

**ଦବି ଯାଉଛି ସ୍କୁଲ**

# ଅସୁବିଧାରେ ଚାଲିଛି ପାଠପଢ଼ା



ପାତ୍ରପୁର,୩୦।୮(ଡି.ଏନ୍.ଏ.)

ପାତ୍ରପୁର ପଞ୍ଚାୟତର ଶ୍ରୀରାମପୁର ଗ୍ରାମରେ ଥିବା ପ୍ରାଥମିକ ବିଦ୍ୟାଳୟର ସ୍କୁଲ କୋଠା ଦିନକୁ ଦିନ ଦବିବାରେ ଲାଗିଛି। ପଛପଟ କାନ୍ଥ କେବେ ଯେ, ଭୁଷୁଡ଼ି ପଡ଼ିବ ତାହାର କହି ହେବ ନାହିଁ। ଏବେ ସ୍କୁଲ ଛାଡ଼ି ଗାଁ କୋଠାଘରେ ପିଲାମାନେ ପଢୁଥିବା ଦେଖିବାକୁ ମିଳୁଛି । ପୂର୍ବରୁ ଦୁର୍ଗମ ସ୍କୁଲରେ ଗ୍ରାମର ୨୮ ପିଲା ପାଠ ପଢୁଥିବା ବେଳେ ୨ ଜଣ ଶିକ୍ଷକ ମଧ ଅଛନ୍ତି। କିନ୍ତୁ ସ୍କୁଲର ଏଭଳି ଅବସ୍ଥା ଯୋଗୁ ପିଲାମାନଙ୍କ ପଢାରେ ବ୍ୟାଘାତ ହେଉଥିବା ଅଭିଯୋଗ ହୋଇଛି। ପ୍ରଧାନ ଶିକ୍ଷକ ଓ ସ୍କୁଲ ପରିଚାଳନା କମିଟି ପକ୍ଷରୁ ବ୍ଲକ ଶିକ୍ଷା ବିଭାଗକୁ ଏହି ନେଇ ଜଣାଇଥିବା ପ୍ରଧାନ ଶିକ୍ଷକ କହିଥିବା ବେଳେ ସ୍କୁଲ ବୁଲି ସମସ୍ୟାର ସମାଧାନ ଦିଗରେ କାମ ଚାଲିଥିବା ବିଇଓ କହିଛନ୍ତି। କୋଠାଘରେ ୫ ଶ୍ରେଣୀର ପିଲା ପଢୁଛନ୍ତି ତେଣୁ ତୁରନ୍ତ ନୂତନ ସ୍କୁଲ ଶ୍ରେଣୀ ଗୃହ ନିର୍ମାଣ ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

- ବଢୁଛି ଅପମିଶ୍ରିତ ମଦ କାରବାର

# ଚୋରା ବେପାରୀଙ୍କୁ ସୁରକ୍ଷା ଦେଉଛି ବିଭାଗ

ଦିଗପହଣ୍ଡି,୩୦।୮(ଡି.ଏନ.ଏ.)

ଦିଗପହଣ୍ଡି ଅଞ୍ଚଳରେ ଅପମିଶ୍ରିତ ଚୋରା ମଦ କାରବାର ବୃଦ୍ଧି ପାଉଥିବା ବେଳେ ଅବକାରୀ ବିଭାଗର ନିଷ୍କ୍ରିୟତାକୁ ନେଇ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ବଟି ନେଇ ଚୋରାମଦ ବେପାରୀଙ୍କୁ ବିଭାଗ ସୁରକ୍ଷା ଦେଉଥିବା ଅଭିଯୋଗ ହେଉଛି। ଅନ୍ୟପଟେ ଅପମିଶ୍ରିତ ମଦ୍ୟପାନ କରି ଦିଗପହଣ୍ଡି ସହର ସମେତ ଗ୍ରାମାଞ୍ଚଳରେ କିଡ୍ନୀ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଅଞ୍ଚଳର ସଚେତନ ନାଗରିକମାନେ ମଦ ମାଫିଆଙ୍କ କଳା କାରନାମା ବିଷୟରେ ଅବକାରୀ ବିଭାଗକୁ ବାରମ୍ବାର ଅଭିଯୋଗ କଲେ ମଧ କୌଣସି ସୁଫଳ ମିଳି ନ ଥିବା କୁହାଯାଉଛି। ସହର ଓ ଗ୍ରାମାଞ୍ଚଳ ରାସ୍ତା କଡ଼ରେ ଥିବା ପାନ ଦୋକାନ, ହୋଟେଲ, ଢ଼ାବା ଗୁଡିକରେ ଅନାୟସରେ ମଦ କାରବାର ଚାଲିଛି। ସେପଟେ ମଦ୍ୟପଙ୍କ ଉତ୍ପାତରେ ଅତିଷ୍ଠ ଦିଗପହଣ୍ଡି ପୁଞ୍ଜିକୟାଁ ଛକ, ବସଷ୍ଟାଣ୍ଡ ସମେତ ଗୋକର୍ଣ୍ଣପୁର, ବି.ତୁରୁବୁଡ଼ି, କୁଷପଡା, ଭୀଷ୍ମଗିରି, ପଦ୍ମନାଭପୁର, ସିଦ୍ଧେଶ୍ୱର, ନରେନ୍ଦ୍ରପୁର, କଇଠଖଣ୍ଡି ଆଦି ଗ୍ରାମର ଲୋକେ ମଦ ବିକ୍ରିକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଅଣ୍ଟା ଭିଡିଥିବା ଜଣାପଡିଛି। ଅବକାରୀ ବିଭାଗ ନିଷ୍କ୍ରିୟ ଥିବାବେଳେ ଦିଗପହଣ୍ଡି ଥାନାରେ ନୂତନ ଭାବେ ଦାୟିତ୍ୱ ନେଇଥିବା ଆଇଆଇସି ବସନ୍ତ କୁମାର ସେଠୀ ବୁଧବାର ରାତି ପ୍ରାୟ ସାଢ଼େ ୭ ଟାରେ ଗୋକର୍ଣ୍ଣପୁର, ନରେନ୍ଦ୍ରପୁର ଓ ଦିଗପହଣ୍ଡି ବସଷ୍ଟାଣ୍ଡରେ ଚଢ଼ାଉ କରି ମଦ ଜବତ କରିଛନ୍ତି। ଗୋକର୍ଣ୍ଣପୁରର ପୃଥକ ୨ ସ୍ଥାନରେ ଚମାଉ କରାଯାଇ ରାମଚନ୍ଦ୍ର ବାଡ଼ତ୍ୟ ଓ ଏସ. ଅଜୟ ଦୋରା, ନରେନ୍ଦ୍ରପୁରରୁ କଂଗ୍ରେସ ସାହୁ ଓ ଦିଗପହଣ୍ଡି ବସଷ୍ଟାଣ୍ଡର ପାନ ଦୋକାନୀ ନିମାଇଁ ବେହେରାଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନଙ୍କଠାରୁ ପାଉଚ ମଦ ଓ ବିଦେଶୀ ମଦ ବୋତଲ ଜବତ ହୋଇଛି। ଏ ନେଇ ପୃଥକ ୪ ମାମଲା(ନଂ. ୧୫୯, ୧୬୦, ୧୬୧ ଓ ୧୬୨/୧୯)ରେ ମାମଲା ରୁଜୁ କରାଯାଇ ଗୁରୁବାର ସମସ୍ତ



ଭଡ଼ାଘରେ ବିନା ସାଇନ ବୋର୍ଡ଼ରେ ଅବକାରୀ କାର୍ଯ୍ୟାଳୟ।

**ଅଭିଯୁକ୍ତଙ୍କୁ ଗିରଫ କରୁଛି ପୋଲିସ**

ଅଭିଯୁକ୍ତଙ୍କୁ ଦିଗପହଣ୍ଡି କୋର୍ଟ ଚାଲାଣ କରାଯାଇଛି। ଭିଯୁକ୍ତମାନେ ବର୍ଷତମାମ ଚୋରା ମଦ କାରବାର କରୁଥିଲେ ବୋଲି ପୋଲିସ ନିକଟରେ ସ୍ୱୀକାର କରିଛନ୍ତି। କିନ୍ତୁ ଅବକାରୀ ବିଭାଗ ଏହା କିଭଳି ଜାଣିପାରୁ ନଥିଲା ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନ୍ୟପଟେ ଅବକାରୀ କାର୍ଯ୍ୟାଳୟ ସମ୍ମୁଖରେ ସାଇନ ବୋର୍ଡ଼ କେଉଁ ଉଦ୍ଦେଶ୍ୟରେ ମରାଯାଉନି ତାହା କାହାରିକୁ ବୁଝାପଡୁନି। ଏ ସମ୍ପର୍କରେ ଦିଗପହଣ୍ଡି ଅବକାରୀ ଏସଆଇ ଅଭିରାମ ସାହୁଙ୍କୁ ପଚାରିବାରୁ ସେ ସମସ୍ତ ଅଭିଯୋଗ ଅମୂଳକ ବୋଲି କହିଛନ୍ତି। ଚଳିତ ମାସରେ ସର୍ବାଧିକ ୮ଟି ଅବକାରୀ ମାମଲା ରୁଜୁ କରାଯାଇଛି। ଭଡ଼ା ଘରେ ଅଫିସ ଚାଲିଥିବାରୁ ସାଇନ ବୋର୍ଡ ଟଙ୍ଗା ଯାଇ ନାହିଁ। ନିୟମିତ ବ୍ୟବଧାନରେ ଅବକାରୀ ଚଢାଉ ଚାଲୁ ରହିଥିବା ସେ କହିଛନ୍ତି।

## ସଂକ୍ଷେପରେ

### ବାଣ ବ୍ୟବସାୟୀଙ୍କୁ ସ୍ଥାନାନ୍ତର ନେଇ ଆଲୋଚନା

ଛତ୍ରପୁର,୩୦।୮(ଡି.ଏନ.ଏ.)- ବ୍ରହ୍ମପୁରରେ ଥିବା ବାଣ ଦୋକାନ ଗୁଡିକୁ ସ୍ଥାନାନ୍ତର ପାଇଁ ପ୍ରଶାସନ ସ୍ଥିର କରିଛି। ଶୁକ୍ରବାର ବାଣ ଦୋକାନୀ ମାନଙ୍କ ସହ ଛତ୍ରପୁର ଠାରେ ଅତିରିକ୍ତ ଜିଲାପାଳ ଆଲୋଚନା କରିଥିଲେ। ସ୍ଥାନାନ୍ତର କୁ ଦୋକାନୀ ମାନେ ବିରୋଧ କରିଛନ୍ତି। ତେବେ କୌଣସି ନିଷ୍କର୍ସ ବାହାରି ପାରିନି। ପୁଣି ସେପ୍ଟେମ୍ବର ୬ ତାରିଖରେ ଆଲୋଚନା ବୈଠକ କରାଯିବ ବୋଲି ସୂଚନା ଦିଆଯାଇଛି।

### ମଦ ଜବତ, ୨ କୋର୍ଟ ଚାଲାଣ

ପାଟପୁର,୩୦।୮(ଡି.ଏନ.ଏ.)-ପାଟପୁର ପୋଲିସ ଗୁରୁବାର ରାତିରେ ବିଭିନ୍ନ ସ୍ଥାନ ଚଢ଼ାଉ କରି ୧୨ ଲିଟର ଦେଶୀ ଓ ବିଦେଶୀ ମଦ ଜବତ କରିବା ସହ ୨ ଜଣକୁ କୋର୍ଟଚାଲାଣ କରାଯାଇଛି। ସେମାନେ ହେଲେ ପ୍ରତାପଗିରିର ସୁରେନ୍ଦ୍ର ନାଇକ ଓ ସାହାସପୁରର ରଙ୍କ ସାହୁ। ସୁରେନ୍ଦ୍ରଙ୍କଠାରୁ ୮୦ ଦେଶୀ ମଦ ପାଉଚ ଜବତ କରି ପୋଲିସ ନଂ. ୧୭୨/୧୯ରେ ମାମଲା ରୁଜୁ କରିଛି। ରଙ୍କ ସାହୁଙ୍କ ପାନ ଦୋକାନରୁ ପୋଲିସ ୭ ବିଦେଶୀ ମଦ ବୋତଲ ଜବତ କରିଥିଲା। ଏ ନେଇ ନଂ. ୧୭୩/୧୯ରେ ମାମଲା ରୁଜୁ କରାଯାଇଛି।

### ପଞ୍ଚାୟତସ୍ତରୀୟ ଜନ ଅଭିଯୋଗ ଶୁଣାଣି

ଛତ୍ରପୁର,୩୦।୮(ଡି.ଏନ.ଏ.)- ଛତ୍ରପୁର ବ୍ଲକ ପ୍ରଶାସନ ପକ୍ଷରୁ ଶୁକ୍ରବାର ବଡଲଗାଁଠାରେ ପଞ୍ଚାୟତସ୍ତରୀୟ ଜନ ଅଭିଯୋଗ ଶୁଣାଣି ମୋ ନିବେଦନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ବିପୁଲିଙ୍ଗି, ବଡଲଗାଁ, ବଡମାଧପୁର ଓ ମହାନାଦପୁର ପଞ୍ଚାୟତର ୫୦୦ରୁ ଊର୍ଦ୍ଧ୍ୱ ଲୋକ ପହଞ୍ଚି ବିଡିଓଙ୍କୁ ବିଭିନ୍ନ ପ୍ରସଙ୍ଗରେ ଅଭିଯୋଗ, ସ୍ମାରକପତ୍ର ପ୍ରଦାନ କରିଥିଲେ। ଏଥିରେ ଛତ୍ରପୁର ବିଡିଓ ଅମ୍ବିକା ପ୍ରସାଦ ଦାଶ, ବଡଲଗାଁ ସରପଞ୍ଚ ସରୋଜିନୀ ମହାରଣା, ବିପୁଲିଙ୍ଗି ସରପଞ୍ଚ ଟି. ନରସିଂହ ରେଡ୍ଡୀ, ଦୁର୍ଯ୍ୟୋଧନ ପରିଡା, ସିଡିପିଓ କ୍ରିଷ୍ଣା କୁମାରୀ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

### କେନ୍ଦ୍ରୀୟ ବିଦ୍ୟାଳୟ ପ୍ରସଙ୍ଗ ନଖୋଲିଲେ ୨ରୁ ଭାଜପାର ଗଣଆନ୍ଦୋଳନ

ଛତ୍ରପୁର,୩୦।୮(ଡି.ଏନ.ଏ)- ଛତ୍ରପୁର ଭାଜପା କାର୍ଯ୍ୟାଳୟରେ ଶୁକ୍ରବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଛତ୍ରପୁର ମଣ୍ଡଳ ସଭାପତି ପ୍ରଦୀପ କୁମାର ପାଢ଼ୀ ଅଧ୍ୟକ୍ଷତା କରିଥିଲେ। ପ୍ରାରମ୍ଭରେ ଅରୁଣ ଜେଟଲୀଙ୍କ ବିୟୋଗରେ ନୀରବ ପ୍ରାର୍ଥନା କରାଯାଇଥିଲା। ସଦସ୍ୟତା ଗ୍ରହଣ ଉପରେ ଆଲୋଚନା ହୋଇଥିଲା। ଏହାକୁ ବୃଦ୍ଧି କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସେପ୍ଟେମ୍ବର ଶେଷ ସୁଦ୍ଧା ଛତ୍ରପୁରରେ କେନ୍ଦ୍ରୀୟ ବିଦ୍ୟାଳୟ କାର୍ଯ୍ୟକ୍ଷମ ନହେଲେ ଭାଜପା ପକ୍ଷରୁ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ଠାରୁ ଗଣଆନ୍ଦୋଳନ କରାଯିବ ବୋଲି ନିଷ୍ପତି ହୋଇଛି। ସେହିପରି ଛତ୍ରପୁର ହସ୍ପିଟାଲରେ ଡାକ୍ତର ଓ ନର୍ସ ପଦବୀ ପୂରଣ, ଛତ୍ରପୁର ଏନଏସିକୁ ମ୍ୟୁନିସିପାଲଟିର ମାନ୍ୟତା, ଛତ୍ରପୁର ପୁରୁଣା ବସଷ୍ଟାଣ୍ଡକୁ ସିଟି ବସ ଚଳାଚଳ, ଛତ୍ରପୁର ସହରକୁ ପିଇବା ପାଣି ଯୋଗାଇଦେବା, ଭେଣ୍ଡିଂ ଜୋନ୍ ପ୍ରତିଷ୍ଠା ଆଦି ଦାବିରେ ଜିଲାପାଳଙ୍କ ଅଫିସ ଘେରାଉ କରାଯିବ ବୋଲି ଭାଜପା ପକ୍ଷରୁ ସୂଚନା ଦିଆଯାଇଛି। ଏହି ବୈଠକରେ ଲକ୍ଷ୍ମୀ ନାରାୟଣ ପଣ୍ଡା, ପି ଚନ୍ଦ୍ରଶେଖର ରାଓ, ପି ରଘୁ ରେଡ୍ଡୀ, ସାଧାରଣ ସମ୍ପାଦକ ଅମରେଶ ମହାଣା, ଶ୍ରୀକାନ୍ତ ଦାସ, ଉମାଶଙ୍କର ମହାନ୍ତି, ସମ୍ପାଦକ ଗଙ୍ଗାଧର ପଣ୍ଡା, ମନୋରଂଜନ ବେହେରା, ପି ତ୍ରିପତି ରାଓ, ପ୍ରଶାନ୍ତ କୁମାର ପ୍ରଧାନ, ଜି ଜଗଦୀଶ ରାଓ, ଇ ପ୍ରମୋଦ କୁମାର, ସିଏଚ୍ ଉଦୟ ପମୁଖ ଉପସ୍ଥିତ ଥିଲେ।

# ବିଦ୍ୟାଳୟ ରୋଷେୟାଙ୍କୁ ପଥରରେ ଛେଚି ହତ୍ୟା

ଚନ୍ଦ୍ରଗିରି,୩୦।୮(ଡି.ଏନ୍.ଏ.)

ଗଜପତି ଜିଲା ମୋହନା ବ୍ଲକ ଲୁଡ୍ଡୁ ଆଶ୍ରମ ବିଦ୍ୟାଳୟରେ ଶୁକ୍ରବାର ଏକ ହତ୍ୟାକାଣ୍ଡ ଘଟିଛି। ବିଦ୍ୟାଳୟରେ ରହୁଥିବା ରୋଷେୟାଙ୍କୁ ପଥରରେ

■ ନାବାଳକ ପୁଅଙ୍କୁ ଖୋଜୁଛି ପୋଲିସ

ଛେଚି ହତ୍ୟା କରାଯାଇଛି। ମୋହନା ପୋଲିସ ଓ ଆର.ଉଦୟଗିରି ଏସ୍‌ଡିପିଓ ଅଶୋକ କୁମାର ମହାନ୍ତି ବିଦ୍ୟାଳୟରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ମୃତ ରୋଷେୟାଙ୍କ ସ୍ତ୍ରୀଙ୍କ ଅଭିଯୋଗ ପ୍ରକାରେ ନଂ.୧୪୮/୧୯ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି। ପ୍ରାଥମିକ ତଦନ୍ତରୁ ରୋଷେୟାଙ୍କୁ ତାଙ୍କ ନାବାଳକ ପୁଅ ହତ୍ୟା କରିଥିବା ଓ ସେ ମାନସିକ ବିକାରଗ୍ରସ୍ତ ଥିବା ଏସ୍‌ଡିପିଓ କହିଛନ୍ତି। ଘଟଣା ପରେ ସେ ଫେରାର ହୋଇଯାଇଛନ୍ତି।


ଘଟଣାସ୍ଥଳରେ ପୋଲିସ ତଦନ୍ତ କରୁଛି।

ପ୍ରକାଶ ଯେ, ଲୁଡ୍ଡୁ ଆଶ୍ରମ ବିଦ୍ୟାଳୟରେ ମୃତକ ଓ ତାଙ୍କ ସ୍ତ୍ରୀ ରୋଷେୟା ଭାବେ କାମ କରନ୍ତି। ବିଦ୍ୟାଳୟ ଷ୍ଟାଫ କ୍ୱାର୍ଟରରେ ଏହି ରୋଷେୟା ଦମ୍ପତି ତାଙ୍କ ନାବାଳକ ପୁଅ ଓ ନାବାଳିକା ଝିଅଙ୍କ ସହ ରହୁଥିଲେ। ଗୁରୁବାର ମୃତକ ପୁଅ ସହ ବାଳକ ଆବାସିକ ବିଦ୍ୟାଳୟ କ୍ୱାର୍ଟରରେ ଶୋଇଥିବାବେଳେ ସ୍ତ୍ରୀ ଝିଅଙ୍କ ସହ ବାଳିକା ଆଶ୍ରମ ବିଦ୍ୟାଳୟରେ ଶୋଇଥିଲେ। ଶୁକ୍ରବାର ସକାଳେ ଝିଅ ବାପାଙ୍କୁ ଡାକିବାକୁ ଯିବାବେଳେ ଭାଇ କୋଠରିରୁ ଛୁରି ଧରି ବାହାରୁଥିବା ଦେଖିଥିଲେ। ପରେ ସେ କ୍ୱାର୍ଟର ଭିତରକୁ ଯାଇ ରକ୍ତ ଜୁଡୁବୁଡୁ ଅବସ୍ଥାରେ ବାପାଙ୍କ ମୃତଦେହ ପଡିଥିବା ଦେଖିଥିଲେ। ଘଟଣା ବିଷୟରେ ଜାଣିବା ପରେ ସ୍କୁଲ କର୍ତ୍ତୃପକ୍ଷ ମୋହନା ପୋଲିସକୁ ଖବର ଦେଇଥିଲେ।

ସୂଚନା ଯୋଗ୍ୟ, ମୃତ ରୋଷେୟାଙ୍କ ପୁଅ ମୋହନାସ୍ଥିତ ଏକ ବିଦ୍ୟାଳୟରେ ଯୁକ୍ତ ୨ ପଢୁଥିବାବେଳେ ପ୍ରାୟ ୩ମାସ ହେବ କୌଣସି କାରଣରୁ ମାନସିକ ବିକାରଗ୍ରସ୍ତ ହୋଇ ବାପା ମା'ଙ୍କ ପାଖରେ ଆସି ରହୁଥିଲେ। ସେ ହିଁ ହତ୍ୟାକାଣ୍ଡ ଘଟାଇଛନ୍ତି ବୋଲି ତାଙ୍କ ମା' ଅଭିଯୋଗ କରିଛନ୍ତି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରବୀନ୍ଦ୍ର ମଲିକ ମଧ ଏହାକୁ ସ୍ୱୀକାର କରିଛନ୍ତି। ପୋଲିସ ହତ୍ୟାକାଣ୍ଡରେ ବ୍ୟବହୃତ ପଥର ଜବତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଇଛି। ଦୁଇଟି ଟିମ ଗଠନ କରାଯାଇ ନାବାଳକଙ୍କୁ ଖୋଜା ଚାଲିଥିବା ଏସଡିପିଓ ମହାନ୍ତି ସୂଚନା ଦେଇଛନ୍ତି। ଘଟଣା ପରେ ଆବାସିକ ବିଦ୍ୟାଳୟରେ ଭୟର ବାତାବରଣ ଦେଖାଦେଇଛି।

# ପୁଣି ଅଟୋରେ ପ୍ରସବ


ଚିକିତ୍ସାଳୟ ପରିସରରେ ଅଟୋରେ ପ୍ରସବ।

ବାଲିଗୁଡା,୩୦।୮.(ଡି.ଏନ.ଏ.)

ବାଲିଗୁଡା ଥାନା ଜକିକିଆ ଗ୍ରାମର ବାପି ଦିଗାଲଙ୍କ ସ୍ତ୍ରୀ ଜ୍ୟୋସ୍ନାଙ୍କୁ ଶୁକ୍ରବାର ପ୍ରସବ ଯନ୍ତ୍ରଣା ହୋଇଥିଲା। ପରିବାର ଲୋକେ ଅଟୋ ଯୋଗେ ତାଙ୍କୁ ବାଲିଗୁଡା ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ। ମେଡିକାଲ ହତା ଭିତରେ ଅଟୋରେ ଜ୍ୟୋସ୍ନା ଏକ ଶିଶୁ ପୁତ୍ର ଜନ୍ମ ଦେଇଛନ୍ତି। ଅଲଟ୍ରାସାଉଣ୍ଡ ରିପୋର୍ଟ ଅନୁଯାୟୀ ସେପ୍ଟେମ୍ବର ୨୬ରେ ପ୍ରସବ ତାରିଖ ଦେଇଥିଲେ ଡାକ୍ତର। ମାତ୍ର ଶୁକ୍ରବାର ହଠାତ୍ ଯନ୍ତ୍ରଣା ହେବାରୁ ପରିବାର ଲୋକେ ଅଟୋରେ ବାଲିଗୁଡା ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ। କୌଣସି କାରଣରୁ ନିର୍ଦ୍ଧାରିତ ସମୟ ପୂର୍ବରୁ ଜ୍ୟୋସ୍ନାଙ୍କ ପ୍ରସବ ହୋଇଥିବା ଜଣାପଡିଛି। ମା' ଓ ଶିଶୁ ସୁସ୍ଥଥିବା ଏବଂ ବାଲିଗୁଡା ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସା ଚାଲିଥିବା ମେଡିକାଲ ସୂତ୍ରରୁ ପ୍ରକାଶ।

# ମାର୍ଚ୍ଚ ସୁଦ୍ଧା ସବୁ ସହରାଞ୍ଚଳରେ ବର୍ଜ୍ୟବସ୍ତୁ ପ୍ଲାଣ୍ଟ

ଛତ୍ରପୁର,୩୦।୮(ଡି.ଏନ.ଏ.)

ଗଞ୍ଜାମ ଜିଲାର ସମସ୍ତ ସହରାଞ୍ଚଳରେ ବର୍ଜ୍ୟବସ୍ତୁ ପରିଚାଳନା ପ୍ଲାଣ୍ଟ ପ୍ରତିଷ୍ଠା କରାଯାଇ ୨୦୨୦ ମାର୍ଚ୍ଚ ୨୫ ତାରିଖ ସୁଦ୍ଧା କାର୍ଯ୍ୟକ୍ଷମ ହେବ ବୋଲି ଶୁକ୍ରବାର ସନ୍ଧ୍ୟାରେ ଜିଲାପାଳଙ୍କ ସମ୍ମିଳନୀ ଗୃହରେ ଅନୁଷ୍ଠିତ ବୈଠକରୁ ସୂଚନା ମିଳିଛି। ବୈଠକରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଓ ରାଜ୍ୟ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗ ଡେପୁଟି ସେକ୍ରେଟାରୀ କଲ୍ୟାଣ ରଥ ଯୋଗଦେଇ ଏ ସମ୍ବନ୍ଧୀୟ ସମୀକ୍ଷା କରିଥିଲେ। ପ୍ରତି ସହରାଞ୍ଚଳରେ ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର ଓ ମ୍ୟାଟେରିଆଲ ରିକଭରି ସେଣ୍ଟର ପ୍ରତିଷ୍ଠା ହେବ। ପ୍ରତି ଦୋକାନ ବାହାରେ ୨ଟି ଡଷ୍ଟବିନ୍ ରହିବା ବାଧ୍ୟତାମୂଳକ କରାଯିବ। ଦୋକାନଠାରୁ ୫ ମିଟର ମଧ୍ୟରେ ବାହାରେ କୌଣସି ଆବର୍ଜନା ପଡିଲେ ଦୋକାନୀ ଦାୟୀ ରହିବେ। ଏପରିକି ସେମାନଙ୍କଠାରୁ ୫୦୦ରୁ ୫ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ଆଦାୟ ହେବ। ଏଥିପାଇଁ ସଚେତନତା କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସେହିପରି ପ୍ରତି ସହରାଞ୍ଚଳରେ ଚାରାରୋପଣ କରିବାକୁ କୁହାଯାଇଛି। ପ୍ରତି ଏନଏସିରେ ଜଣେ ସୁପରଭାଇଜର ଓ ୨ ଜଣ ସ୍ୱଚ୍ଛ ସାଥୀଙ୍କୁ ନିଯୁକ୍ତି ଦିଆଯିବ ବୋଲି ନିଷ୍ପତ୍ତି ହୋଇଛି। ବୈଠକରେ ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସୁଦାମ ମଣ୍ଡଳ, ରାଜ୍ୟ ଟିମ୍ ଲିଡର ସମୀର ପଣ୍ଡାଙ୍କ ସମେତ ବିଭିନ୍ନ ଏନଏସିର ନିର୍ବାହୀ ଅଧିକାରୀ ଉପସ୍ଥିତ ଥିଲେ।


ବୈଠକରେ ଉପସ୍ଥିତ ଜିଲାପାଳ, ଡେପୁଟି ସେକ୍ରେଟାରୀ ଓ ଅନ୍ୟମାନେ।

**ଗଞ୍ଜାମ ଜିଲା**
- ପ୍ରତି ଦୋକାନରେ ରହିବ ୨ଟି ଡଷ୍ଟବିନ୍
- ଉଲ୍ଲଂଘନ କଲେ ଜରିମାନା







# ରୁଷିକୂଲ୍ୟା କେନାଲରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

ପାଟପୁର,୩୦।୮(ଡି.ଏନ.ଏ.)

ସାନଖେମୁଣ୍ଡି ବ୍ଲକ ରୁଷିକୂଲ୍ୟା କେନାଲରୁ ଶୁକ୍ରବାର ଅପରାହ୍ଣ ୪ଟାରେ ଜଣେ ବୃଦ୍ଧାଙ୍କ ମୃତ ଦେହ ଉଦ୍ଧାର କରାଯାଇଛି। ମୃତ ବୃଦ୍ଧଙ୍କ ପରିଚୟ ମିଳିନଥିବା ବେଳେ ପାଟପୁର ପୋଲିସ ପହଞ୍ଚି ନଂ. ୧୩/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ଡାକ୍ତରଖାନାକୁ ପଠାଇ ଦିଆଯାଇଥିବା ଥାନା ଅଧିକାରୀ ରମେଶ କୁମାର ପ୍ରଧାନ ଜଣାଇଛନ୍ତି। ବୃଦ୍ଧ ଜଣକ ଶୁକ୍ରବାର ସକାଳ ୯ଟାରେ ରାଧାଦେଇପୁର ପଞ୍ଚାୟତ ଉସ୍ତାଜଗନ୍ନାଥପୁର ଗ୍ରାମ ନିକଟ ରୁଷିକୁଲ୍ୟା କେନାଲକୁ ଗାଧୋଇବାକୁ ଯାଇଥିଲେ। ଅସାବଧାନତା କାରଣରୁ ସେ ପାଣିରେ ଭାସିଯାଇଥିଲେ। ଖବର ପାଇ ଦିଗପହଣ୍ଡି ଦମକଳ ବାହିନୀ, ପାଟପୁର ପୋଲିସ ପହଞ୍ଚି ପ୍ରାୟ ୫ ଘଣ୍ଟା ଖୋଜା ଖୋଜି କରିବା କରିବା ପରେ ଆମ୍ବଠା ଗ୍ରାମ ନିକଟ ଦେଇ ଯାଇଥିବା ରୁଷିକୁଲ୍ୟା କେନାଲରୁ ବୃଦ୍ଧଙ୍କୁ ଉଦ୍ଧାର କରିଥିଲେ ମଧ ତାଙ୍କର ମୃତ୍ୟୁ ଘଟିଥିଲା।

■ ମତ୍ସ୍ୟ ଅଫିସରେ ଅଚାନକ ପହଞ୍ଚିଲେ ମନ୍ତ୍ରୀ

# ଅନୁପସ୍ଥିତ ଅଧିକାରୀଙ୍କ ଉପରେ ହେବ କାର୍ଯ୍ୟାନୁଷ୍ଠାନ

ଛତ୍ରପୁର,୩୦।୮(ଡି.ଏନ.ଏ)

ରାଜ୍ୟ କୃଷି, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଅରୁଣ କୁମାର ସାହୁ ଶୁକ୍ରବାର ଅପରାହ୍ଣରେ ଅଚାନକ ଛତ୍ରପୁର ବ୍ଲକ କଣମଣା ପଞ୍ଚାୟତରେ ଥିବା ମତ୍ସ୍ୟ ବିଭାଗ ଅଫିସରେ ପହଞ୍ଚିଥିଲେ। ସେଠାରେ ଅଧିକାରୀ ଅନୁପସ୍ଥିତ ଥିବା ଦେଖି ମନ୍ତ୍ରୀ ବିରକ୍ତି ପ୍ରକାଶ କରିଥିଲେ। ସମ୍ପୃକ୍ତ ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ପ୍ରକାଶ ଯେ, ଗୋପାଳପୁରରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ମନ୍ତ୍ରୀ ଫେରୁଥିବା ବେଳେ ରାସ୍ତାରେ କଣମଣା ପଞ୍ଚାୟତରେ ଥିବା ମତ୍ସ୍ୟ ବିଭାଗର ଅଫିସ ପଡିବାରୁ ଅଚାନକ ଗାଡି ଅଟକାଇ ସେଠାକୁ ଯାଇ ଅଧିକାରୀ ଅନୁପସ୍ଥିତ ଥିବା ଦେଖିଥିଲେ। ପରେ ମନ୍ତ୍ରୀ ଛତ୍ରପୁର ବ୍ଲକ ଭିକାରିପଲ୍ଲୀ ପଞ୍ଚାୟତ ଅଧିନ ନୂଆପଲ୍ଲୀ ଗାଁରେ ଜାରବେରା ଓ ଗୋଲାପ ଫୁଲ ଚାଷ ଦେଖିଥିଲେ। ଗାଁର ମାଁ ଗ୍ରାମଦେବତୀ ମହିଳା ସଂଘ, ମା' ଭୈରବୀ ମହିଳା ସଂଘ ଓ ମା' ବାଳକୁମାରୀ ମହିଳା ସଂଘ ପକ୍ଷରୁ ମିଳିତ ଭାବେ ଏହି ଚାଷ କରାଯାଇଥିବା ଜାଣି ପ୍ରଂଶସା କରିଥିଲେ। ମନ୍ତ୍ରୀଙ୍କ ଗସ୍ତ ବେଳେ ଛତ୍ରପୁର ବିଡିଓ ଅମ୍ବିକା ପ୍ରସାଦ ଦାଶ, ଡିଆରଡିଏ ଏପିଡି ନଳିନୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ଦୋକାନ କବାଟ ଭାଙ୍ଗି ଚୋରି

ବେଗୁନିଆପଡ଼ା,୩୦।୮(ଡି.ଏନ.ଏ.)

ବେଗୁନିଆପଡା ଫାଣ୍ଡି କଞ୍ଚଣା ଏବଂ ଭେଜିପୁଟ ପୂର୍ତ୍ତ ରାସ୍ତାକୁ ସଂଯୋଗ କରୁଥିବା ଦେଉଳିଆପଡ଼ା ମୁଖ୍ୟରାସ୍ତାରେ ଥିବା ଏକ ପ୍ଲମ୍ବିଙ୍ଗ ଦୋକାନ କବାଟ ଭାଙ୍ଗି ଗୁରୁବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ୩ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଚୋରି କରିଛନ୍ତି। ଦୋକାନ ମାଲିକ ପୂର୍ଣ୍ଣଚନ୍ଦ୍ର ମହାରଣା ଗୁରୁବାର ରାତି ସାଢ଼େ ୯ଟାରେ ଦୋକାନ ବନ୍ଦ କରି ନିକଟରେ ଥିବା ତାଙ୍କ ଘରକୁ ଯାଇଥିଲେ। ଶୁକ୍ରବାର ଭୋରରେ ତାଙ୍କ ମା' ଝାଡୁ କରିବା ସମୟରେ ଦୋକାନ କବାଟ ଭଙ୍ଗାଥିବା ଦେଖି ଘରେ ଜଣାଇଥିଲେ। ପରେ ଦୋକାନ ଶୋ କେସ ଡ୍ର ଭାଙ୍ଗି ଟଙ୍କା ଓ ଫାଇଲ ବକ୍ସ ଚୋରି କରିଥିବା ନେଇ ପୂର୍ଣ୍ଣଚନ୍ଦ୍ର ବେଗୁନିଆପଡା ଫାଣ୍ଡିରେ ଏତଲା ଦେଇଥିଲେ। ଫାଣ୍ଡି ଅଧିକାରୀ ଦୀପ୍ତି ରଞ୍ଜନ ବେହେରା ପହଞ୍ଚି ତଦନ୍ତ କରିବା ସହ ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି କହିଛନ୍ତି।

# ନଦୀରୁ ଯୁବକଙ୍କ ମୃତଦେହ ଉଦ୍ଧାର, ହତ୍ୟା ସନ୍ଦେହ

ଫୁଲବାଣୀ ଅଫିସ, ୩୦।୮

ଫୁଲବାଣୀ ସହର ଡାମିଗାଁ ପାଖ ସାଲୁଙ୍କି ନଦୀରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ପାରିପାର୍ଶ୍ୱିକ ପରିସ୍ଥିତିରୁ ଏହା ଏକ ହତ୍ୟାକାଣ୍ଡ ବୋଲି ସନ୍ଦେହ କରାଯାଉଛି। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ଘଟଣା ଜଣାପଡିବ ବୋଲି ପୋଲିସ କହିଛି। ମୃତ ଜଣକ ହେଲେ ଫିରିଙ୍ଗିଆ ବ୍ଲକ ନୂଆପଦର ପଞ୍ଚାୟତ ବିଲୁପଦର ଗ୍ରାମର ରାଜୀବ ଲୋଚନ ବେହେରା। ସେ ଫୁଲବାଣୀ କେନ୍ଦୁପଦରରେ ରହୁଥିଲେ ଏବଂ ଡାମିଗାଁରେ ବିବାହ କରିଥିଲେ। ରାଜୀବ ଏଠାରେ ରହି ରଙ୍ଗ ମିସ୍ତ୍ରି ଭାବେ କାମ କରୁଥିଲେ। ଗୁରୁବାର ସେ ଶ୍ୱଶୁର ଘରକୁ ଯାଇଥିଲେ। ସକାଳେ ତାଙ୍କ ମୃତଦେହ ନଦୀରେ ଭାସୁଥିବା ଦେଖିବାକୁ ମିଳିଥିଲା। ରାଜୀବଙ୍କ ମୁହଁରେ ଆଘାତ ଲାଗିଥିବା ବେଳେ ଗୁପ୍ତାଙ୍ଗକୁ କାଟି ଦିଆଯାଇଛି। ତେଣୁ ତାଙ୍କୁ ହତ୍ୟା କରାଯାଇଛି ବୋଲି ଭାଇ ପ୍ରକାଶ ବେହେରା ଥାନାରେ ଦେଇଥିବା ଏତଲାରେ ଦର୍ଶାଇଛନ୍ତି। ଅନ୍ୟପଟେ ରାଜୀବଙ୍କ ସ୍ତ୍ରୀ କହିଛନ୍ତି, ସ୍ୱାମୀ ରାତିରେ ଆସିବେ ବୋଲି କହିଥିଲେ। ହେଲେ ଏତେ ରାତିରେ ନ ଆସିବାକୁ ତାଙ୍କୁ ବାରଣ କରିଥିଲି। ସକାଳେ ଦାଦା ନଦୀକୁ ଗାଧୋଇ ଯାଇଥିବା ବେଳେ ସ୍ୱାମୀ ମୁହଁ ମାଡିହୋଇ ପଡିଥିବା ଦେଖି ଖବର ଦେଇଥିଲେ। ରାତିରେ ଆସିବା ବେଳେ ଗୋଡ ଖସି ଯିବାରୁ ମୃତ୍ୟୁ ହୋଇଥାଏ ପାରେ ବୋଲି ସେ କହିଛନ୍ତି। ଏ ନେଇ ଥାନାରେ ନଂ.୧୨୪/୧୯ରେ ମାମଲା ରୁଜୁ ହୋଇଛି। ଘଟଣାର ତଦନ୍ତ ଚାଲିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ସତ୍ୟାସତ୍ୟ ଜଣାପଡିବ ବୋଲି ଦାୟିତ୍ୱରେ ଥିବା ଥାନାଧିକାରୀ ବିଦ୍ୟାଭାରତୀ ନାୟକ ପ୍ରକାଶ କରିଛନ୍ତି।




2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ